୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | पर्यवेक्षक

Vol.27 . No.7 Bhubaneswar Sunday Feburary 09 2025 | ୨୭ତମ ବର୍ଷ ସଂଖ୍ୟା–୭ ଭୁବନେଶ୍ୱର, ରବିବାର, ଫେବୃଆରୀ ୦୯, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ଆପ୍‌ଦାରୁ ମୁକ୍ତ ହେଲା ଦିଲ୍ଲୀ: ମୋଦି



ଭୁବନେଶ୍ୱର,୮।୨(ପି.ଏନ): ଶେଷରେ ଆପ୍‌ଦାରୁ ମୁକ୍ତ ହେଲା ଦିଲ୍ଲୀ। ବିଜୟ ପାଇଁ ଦିଲ୍ଲୀବାସୀଙ୍କୁ କୃତଜ୍ଞତା ଜଣାଉଛି। ଦିଲ୍ଲୀବାସୀଙ୍କ ଏହି ବିଶ୍ୱାସ ଆମ ଉପରେ ଋଣ। ଦ୍ରୁତଗତିରେ ଦିଲ୍ଲୀର ବିକାଶ କରି ଆମେ ଏହି ଋଣ ସୁଝିବୁ। ଦିଲ୍ଲୀ ବିଧାନସଭା ନିର୍ବାଚନରେ ବଡ ବିଜୟ ପରେ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।ସେ କହିଛନ୍ତି, ଗୋଟିଏ ଦଶକର ଆପ୍‌?ଦାରୁ ଦିଲ୍ଲୀ ମୁକ୍ତ ହେଲା। ଆଜି ଦିଲ୍ଲୀରେ ବିକାଶ,ଦୂରଦୃଷ୍ଟି ଓ ବିଶ୍ୱାସର ବିଜୟ ହୋଇଛି। ଆଡମ୍ବର, ଅରାଜକତା ଓ ଅହଙ୍କାର ପାଇଁ ଆପ୍‌?ଦା (ଆମ୍‌? ଆଦମୀ ପାର୍ଟି) ପରାସ୍ତ ହୋଇଛି। ବିଜେପିର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଏହି ବିଜୟର ହକ୍‌ଦାର। ଦିଲ୍ଲୀବାସୀ ସ୍ପଷ୍ଟ କରିଦେଲେ ଦିଲ୍ଲୀର ପ୍ରକୃତ ମାଲିକ କେବଳ ଜନତା। ସର୍ଟକଟ୍ ରାଜନୀତିକୁ ଦିଲ୍ଲୀବାସୀ ସର୍ଟ ସର୍କିଟ କରିଦେଲେ। ଲୋକସଭା ନିର୍ବାଚନରେ ଦିଲ୍ଲୀବାସୀ କେବେ ଆମକୁ ନିରାଶ କରିନାହାନ୍ତି। ୩ ଥର ଲୋକସଭା ନିର୍ବାଚନରେ ଶତ ପ୍ରତିଶତ ବିଜୟ ଆମକୁ ମିଳିଥିଲା। ଏଥର ଦିଲ୍ଲୀର ଯୁବବର୍ଗ ପ୍ରଥମ ଥର ବିଜେପିର ସୁଶାସନ ଦେଖିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ଦିଲ୍ଲୀ କେବଳ ଗୋଟିଏ ସହର ନୁହେଁ, ଏହା ମିନି ଇଣ୍ଡିଆ। ବିବିଧତା ଥିବା ଦିଲ୍ଲୀରେ ଆମକୁ ପ୍ରଚଣ୍ଡ ବହୁମତ ମିଳିଛି। ବିଶେଷ ଭାବେ ପୂର୍ବାଞ୍ଚଳ ଲୋକଙ୍କୁ କୃତଜ୍ଞତା ଜଣାଉଛି। ତୁଷ୍ଟୀକରଣ ନୁହେଁ, ସନ୍ତୁଷ୍ଟୀକରଣ ନୀତିକୁ ଲୋକେ ବାଛିଛନ୍ତି। ବିକାଶରେ ବାଧା ସୃଷ୍ଟି କରୁଥିବା ଆପ୍‌ଦାକୁ ଜନତା ହଟାଇଛନ୍ତି। ପୂରା ଦେଶ ଜାଣିଛି ଯେଉଁଠି ଏନ୍‌ଡିଏ, ସେଠାରେ ସୁଶାସନ। ସୁଶାସନର ଲାଭ ମଧ୍ୟବିତ୍ତ ଓ ଗରିବଙ୍କୁ ମିଳିଥାଏ। ଆମ ଦଳ ସବୁବେଳେ ମଧ୍ୟବିତ୍ତଙ୍କୁ ଗୁରୁତ୍ୱ ଦେଇଥାଏ। ଦେଶର ନାରୀଶକ୍ତି ଆମର ସବୁଠୁ ବଡ ରକ୍ଷା କବଚ। ମହିଳାଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ନିଶ୍ଚିତ ପୂରଣ ହେବ। ମୋଦିଙ୍କ ଗ୍ୟାରେଣ୍ଟି ଅର୍ଥ ଗ୍ୟାରେଣ୍ଟି ପୂରଣ ହେବାର ଗ୍ୟାରେଣ୍ଟି। ଦିଲ୍ଲୀକୁ ଏକ ଆଧୁନିକ ସହର କରିବୁ। ଆଜି ଦେଶ ସହରୀକରଣ ମୁହାଁ। ଏହା ଏକ ସୁଯୋଗ। ଗରିବ ଓ ମଧ୍ୟବିତ୍ତଙ୍କୁ ସଶକ୍ତ କରିବାକୁ ଏହା ଏକ ମାଧ୍ୟମ। ଦିଲ୍ଲୀବାସୀଙ୍କ ଆକାଂକ୍ଷା ପୂରଣ କରିବାରେ ଲାଗିପଡିବୁ।ଏହା ସହିତ ସେ ଯୁବବର୍ଗଙ୍କୁ ରାଜନୀତିକୁ ଆସିବାକୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶକୁ ପଲିଟିକାଲ ଟ୍ରାନ୍ସଫର୍ମେଶନର ଆବଶ୍ୟକତା ଅଛି। ଦେଶର ଯୁବବର୍ଗ ରାଜନୀତିକୁ ଆସିଲେ ଦେଶର ଭବିଷ୍ୟତ ବଦଳିବ। କ୍ଷମତା ଲୋଭ ନୁହେଁ, ସେମାନେ ସେବାରେ ନିଜକୁ ନିୟୋଜିତ କରିବା ଆବଶ୍ୟକ। ଏହି ଅବସରରେ ମୋଦି ଆପ୍‌କୁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ରାଜନୀତିରେ ପରିବର୍ତ୍ତନ ଆଣିବୁ କହି ସେମାନେ ରାଜନୀତିକୁ ଆସିଥିଲେ। କିନ୍ତୁ ସେମାନେ କଟ୍ଟର ବେଇମାନ ବାହାରିଲେ। ବିଧାନସଭା ପ୍ରଥମ ଅଧିବେଶନରେ ସିଏଜି ରିପୋର୍ଟ ଉପସ୍ଥାପନ କରିବୁ। ଯିଏ ବି ଲୁଟିଛନ୍ତି, ଫେରାଇବାକୁ ପଡିବ। ଦୁର୍ନୀତିର ଯାଞ୍ଚ ହେବ, ଏହା ମୋଦିଙ୍କ ଗ୍ୟାରେଣ୍ଟି। କଂଗ୍ରେସକୁ ବି ଧୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ କହିଛନ୍ତି, ଆଜି ପୁଣିଥରେ କଂଗ୍ରେସକୁ କଡା ସନ୍ଦେଶ ମିଳିଛି। ପୁଣି ଥରେ ଖାତା ଖୋଲିବାରେ ବିଫଳ ହୋଇଛି କଂଗ୍ରେସ। ୬ ଥର ଖାତା ଖୋଲିପାରିନି କଂଗ୍ରେସ। ଦିଲ୍ଲୀରେ କଂଗ୍ରେସକୁ ଜିରୋର ଡବଲ ହ୍ୟାଟ୍ରିକ ମିଳିଛି। କଂଗ୍ରେସ ଉପରେ ଦେଶ ଆଉ ଭରସା କରୁନି। ମୁଁ ପୂର୍ବରୁ କହିଛି କଂଗ୍ରେସ ଏକ ପରଜୀବୀ ପାର୍ଟି। ନିଜେ ବୁଡିବା ସହ ସହଯୋଗୀ ଦଳକୁ ବି ବୁଡାଉଛି। ଇଣ୍ଡି ଗଠବନ୍ଧନ କଂଗ୍ରେସର ଏହି ଚରିତ୍ରକୁ ଜାଣି ସାରିଲେଣି। ଦିଲ୍ଲୀରେ ଇଣ୍ଡି ଗଠବନ୍ଧନ କଂଗ୍ରେସ ବିରୋଧରେ ପ୍ରଚାର କରିଥିଲେ। କିନ୍ତୁ ସେମାନେ ଆପ୍‌ଦାକୁ ବଞ୍ଚାଇ ପାରିଲେନି। ଆଜିର କଂଗ୍ରେସ ସ୍ୱାଧୀନତା ସମୟର କଂଗ୍ରେସ ନୁହେଁ। କଂଗ୍ରେସ ନେତା ଅର୍ବାନ ନକ୍ସଲର ଭାଷା କହୁଛନ୍ତି। କଂଗ୍ରେସ ଭିତରେ ଅର୍ବାନ ନକ୍ସଲର ଡିଏନ୍‌ଏ ପଶିଯାଇଛି।

# ଖାତାକୁ ଆସିଲା ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ‘ସୁଭଦ୍ରା’ ଟଙ୍କା, ପାଇଲେ ୧୮ ଲକ୍ଷ ମହିଳା




ଭୁବନେଶ୍ୱର,୮।୨(ପି.ଏନ): ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ‘ସୁଭଦ୍ରା’ ଟଙ୍କା ପ୍ରଦାନ। ୧୮ ଲକ୍ଷରୁ ଅଧିକ ମହିଳାଙ୍କ ଖାତାକୁ ଗଲା ଟଙ୍କା। ୭ ମାସରେ ୯୮ ଲକ୍ଷ ମହିଳା ହିତାଧିକାରୀ ଉପକୃତ। ଯାଜପୁରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟଙ୍କା ବାଣ୍ଟିଲେ ମୁଖ୍ୟମନ୍ତ୍ରୀ। ମାର୍ଚ୍ଚ ୮ରେ ଦ୍ୱିତୀୟ କିସ୍ତି ଟଙ୍କା ମିଳିବ କହିଲେ ଉପମୁଖ୍ୟମନ୍ତ୍ରୀ।ଆଜି ଯାଜପୁର ବ୍ୟାସନଗରର ଖାନ୍‌ଦୋଳ ପଡିଆରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୧୮ ଲକ୍ଷରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗ ଦେଇ ହିତାଧିକାରୀଙ୍କୁ ବାଣ୍ଟିଲେ ସୁଭଦ୍ରା ଟଙ୍କାକୁ। ଏହା ସହିତ ସାରା ରାଜ୍ୟରେ ସୁଭଦ୍ରା ହିତାଧିକାରୀଙ୍କ ସଂଖ୍ୟା ୯୮ ଲକ୍ଷ ଟପିଲା।ନ୍ୟାସନାଲ୍ ପେମେଣ୍ଟ୍‌ସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆରେ ଅକୃତକାର୍ଯ୍ୟ ହୋଇଥିବା ୩ ଲକ୍ଷ ୩୮ ହଜାର ଉପଭୋକ୍ତାଙ୍କ ମଧ୍ୟରୁ ଏବେ ସୁଧା ୬୮ ହଜାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।ଆସନ୍ତା ମାର୍ଚ୍ଚ ୮ ତାରିଖ ସୁଦ୍ଧା ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏକାଥରେ ୨ଟି କିସ୍ତିରେ ଟଙ୍କା ମିଳିବ। ଯେଉଁମାନେ ପ୍ରଥମ କିସ୍ତି ଟଙ୍କା ପାଇସାରିଛନ୍ତି। ସେମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ର ଦ୍ୱିତୀୟ କିସ୍ତି ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଯେ, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଯେମିତି ସୁଭଦ୍ରା ଟଙ୍କା ମିଳିବ ସେନେଇ ପଦକ୍ଷେପ ନିଆଯିବ।ଜଣେ ବି ବାଦ୍ ପଡିବେ ନାହିଁ। ସେଥିପାଇଁ ଆବଶ୍ୟକ ହେଲେ, ବାଦ୍ ପଡିଥିବା ହିତାଧିକାରୀଙ୍କୁ କର୍ମଚାରୀମାନେ ବ୍ୟକ୍ତିଗତ ଭାବେ ଭେଟି ସମସ୍ୟାର ସମାଧାନ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଯେଉଁମାନେ ୮ ତାରିଖ ସୁଧା ଟଙ୍କା ନ ପାଇବେ ଓ୍ୱେବସାଇଟରେ ସେମାନଙ୍କର ନ ମିଳବା କାରଣ ବାବଦରେ ଉଲ୍ଲେଖ କରାଯିବ। ସେମାନେ କାରଣ ଜାଣି ସମସ୍ୟାର ସମାଧାନ୍ କରିପାରିବେ।ଏପର୍ଯ୍ୟନ୍ତ ମୋଟ୍ ୧ କୋଟି ୭ ଲକ୍ଷ ୨୩ ହଜାର ୨୯୪ ଜଣ ପଞ୍ଜିକରଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮୦ ଲକ୍ଷ ୨୯ ହଜାର ୭୪୧ ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

# ୧୧ ଟି ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର

ଭୁବନେଶ୍ୱର,୮।୨(ପି.ଏନ): ୧୧ ଟି ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର. ଅନ୍ତୋଦୟ ଗୃହ ଯୋଜନା। ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ସରକାରଙ୍କ ଅନ୍ତୋଦୟ ଗୃହ ଯୋଜନା। ୩ ବର୍ଷରେ ୨ ଲକ୍ଷ ୨୫ ହଜାର ଘର ଦେବେ ରାଜ୍ୟ ସରକାର।ହିତାଧିକାରୀଙ୍କୁ ଘର ପାଇଁ ମିଳିବ ୧ ଲକ୍ଷ ୨୦ ହଜାର ଟଙ୍କା। ପ୍ରାକୃତିକ ଏବଂ ମନୁଷ୍ୟକୃତ କ୍ଷତି ଏବଂ ବିସ୍ଥାପିତ ଲୋକଙ୍କୁ ସାମିଲ କରାଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ ପଡୁଥିବା ଲୋକଙ୍କୁ ବି ସାମିଲ କରାଯିବ।ପ୍ରଧାନମନ୍ତ୍ରୀ ଆବାସ ପରି ଏହି ଯୋଜନାରେ ବୋନସ ବ୍ୟବସ୍ଥା ଅଛି। ୪ ମାସ ଭିତରେ ଘର କାମ ସାରିଲେ ୨୦ ହଜାର, ୬ ମାସରେ ସାରିଲେ ୧୦ ହଜାର ବୋନସ ମିଳିବ।ଏହି ଯୋଜନାରେ ୭୫୫୦ କୋଟି ଖର୍ଚ୍ଚ କରିବେ ସରକାର. ସେହିପରି କ୍ରୀଡା ଭିତ୍ତିଭୂମି ପାଇଁ ୩୧୪ ବ୍ଲକରେ ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ହେବ। ଏଥି ପାଇଁ ନୂଆ ଯୋଜନା କରିଛନ୍ତି ସରକାର।୧୨ ରୁ ୧୫ ଏକର ଜମିରେ ନିର୍ମାଣ ହେବ ଷ୍ଟାଡିୟମ।

# ୨୭ ବର୍ଷ ପରେ ଦିଲ୍ଲୀରେ ଫୁଟିଲା ପଦ୍ମ: ଝଡିଗଲା ଝାଡୁ, ମୂଳପୋଛ ହେଲା କଂଗ୍ରେସ



ଭୁବନେଶ୍ୱର,୮।୨(ପି.ଏନ): ସରିଲା ବନବାସ। ଶାସନକୁ ଫେରିଲା ବିଜେପି। ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀରେ ଫୁଟିଲା ପଦ୍ମ। ଦମ୍ଭୋକ୍ତି ମୁତାବକ ରେକର୍ଡ ଦୁଇ ତୃତୀୟାଂଶ ଆସନ ସହ ଦିଲ୍ଲୀରେ ଶାସନ ସିଂହାସନ ଦଖଲ କରିଛି ବିଜେପି। ୧୯୯୮ ପରେ ଦେଶର ରାଜଧାନୀ ଦିଲ୍ଲୀରେ ଶାସନ କରିବାକୁ ଜନାଦେଶ ପାଇଛି ବିଜେପି। ଆପ୍‌?ର ହ୍ୟାଟ୍ରିକ ବିଜୟ ସ୍ୱପ୍ନକୁ ଚୂରମାର କରି ବିଜୟ ପତାକା ଉଡାଇଛି ବିଜେପି। ଦିଲ୍ଲୀର ୭୦ଟି ବିଧାନସଭା ଆସନରୁ ଦଳ ୪୮ଟି ଆସନ ଜିତି ରେକର୍ଡ କରିଛି। ୨୦୧୫ ଓ ୨୦୨୦ ବିଧାନସଭା ନିର୍ବାଚନରେ ରେକର୍ଡ ସଂଖ୍ୟକ ଆସନ ଜିତିଥିବା ଆପ୍ ଏଥର ୨୨ରେ ଅଟକି ଯାଇଛି। କଂଗ୍ରେସ ପୁଣି ସମସ୍ତଙ୍କୁ ନିରାଶ କରିଛି। ଦଳ ହ୍ୟାଟ୍ରିକ ଶୂନ ସହ ଲଜ୍ଜାଜନକ ପରାଜୟ ବରଣ କରିଛି। ୨୦୧୫ ଓ ୨୦୨୦ ଭଳି କଂଗ୍ରେସ ଦିଲ୍ଲୀରେ ଏଥର ବି ଖାତା ଖୋଲି ପାରି ନାହିଁ।ବିଜେପି ଶେଷ ଥର ପାଇଁ ଦିଲ୍ଲୀ ବିଧାନସଭା ନିର୍ବାଚନ ୧୯୯୩ ମସିହାରେ ଜିତିଥିଲା। ୧୯୯୩ରୁ ୧୯୯୮ ମଧ୍ୟରେ ବିଜେପି ୩ ଜଣ ମୁଖ୍ୟମନ୍ତ୍ରୀଙ୍କୁ ଶାସନ ଭାର ଦେଇଥିଲା। ପ୍ରଥମେ ମଦନ ଲାଲ ଖୁରାନା, ତା’ପରେ ସାହିବ ସିଂହ ବର୍ମା ଓ ଶେଷ କିଛି ମାସ ସୁଷମା ସ୍ୱରାଜ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୯୮ ପରଠାରୁ ଆଉ ବିଜେପି କ୍ଷମତାକୁ ଫେରି ପାରି ନାହିଁ। ପ୍ରଥମେ କଂଗ୍ରେସ ୧୫ ବର୍ଷ ଧରି ଦିଲ୍ଲୀକୁ ଶାସନ କରିଥିଲା। ଏହାପରେ ଅରବିନ୍ଦ କେଜ୍ରିୱାଲ ଆପ୍ ମୈଦାନକୁ ଓହ୍ଲାଇ ବିଜୟୀ ହୋଇଥିଲା।

### କେଜ୍ରିୱାଲଙ୍କ ଠାରୁ ପ୍ରତିଶୋଧ ନେଲେ ଜଣେ ମୁଖ୍ୟମନ୍ତ୍ରୀଙ୍କ ପୁଅ, ଜାଣନ୍ତୁ ୧୨ ବର୍ଷ ତଳେ କ’ଣ ଘଟିଥିଲା ?

ଭୁବନେଶ୍ୱର,୮।୨(ପି.ଏନ): ଚଳିତ ଦିଲ୍ଲୀ ବିଧାନସଭାର ସବୁଠାରୁ ବଡ ମୁଖ୍ୟାଂଶ ହେଲା ବିଜେପିର ପ୍ରବେଶ ବର୍ମା ଆପର ଜାତୀୟ ଆବାହକ ଅରବିନ୍ଦ କେଜ୍ରିୱାଲଙ୍କୁ ପରାସ୍ତ କରିବା। କାରଣ ଆପର ସବୁଠାରୁ ବଡ ଚେହେରା ଓ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଥିଲେ କେଜ୍ରିୱାଲ। କିନ୍ତୁ ଏହା ପଛରେ ଥିବା କାହାଣୀର ମୁଖ୍ୟ ଚରିତ୍ର ହେଉନ୍ତି କଂଗ୍ରେସ ପ୍ରାର୍ଥୀ ସନ୍ଦୀପ ଦିକ୍ଷୀତ। ସେ ହେଉଛନ୍ତି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିଳା ଦିକ୍ଷୀତଙ୍କ ପୁଅ।ସନ୍ଦୀପ ମଧ୍ୟ କେଜ୍ରିୱାଲଙ୍କ ବିରୋଧରେ ଲ?ଢ଼ିଥିଲେ। ନୂଆଦିଲ୍ଲୀ ଆସନରେ ସେ ତୃତୀୟ ସ୍ଥାନରେ ରହିଥିଲେ ହେଁ କେଜ୍ରିୱାଲଙ୍କ ପରାସ୍ତରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେ କେଜ୍ରିୱାଲଙ୍କ ପରାଜୟକୁ ସୁନିଶ୍ଚିତ କରିଛନ୍ତି। ନୂଆଦିଲ୍ଲୀ ନିର୍ବାଚନ ମଣ୍ଡଳୀରେ ଏଥର ନୂଆ କିଛି ଘଟିଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଶିଳା ଦିକ୍ଷୀତି ପୂର୍ବରୁ ଏଠାରେ ଜିତି ଆସୁଥିଲେ। ସେତେବେଳେ ଏହାର ନାଁ ଗୋଏଲ ମାର୍କେଟ ରହିଥିଲା।

# ୪ ସହରକୁ ନେଇ ଅର୍ଥନୈତିକ କରିଡର୍: ଗଠନ ହେବ ବୃହତ୍ ଭୁବନେଶ୍ୱର



ଭୁବନେଶ୍ୱର,୮।୨(ପି.ଏନ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି । ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ନେଇ ଅର୍ଥନୈତିକ ରିଜିଅନ୍ ଗ୍ରେଟର ଭୁବନେଶ୍ୱର ଗଢ଼ାଯିବ। ମୋଟ ୮୫୦୦ ବର୍ଗ କିଲୋମିଟର ଅଞ୍ଚଳକୁ ସମାବେଶୀ, ବାସ ଉପଯୋଗୀ ଏବଂ ଦୀର୍ଘସ୍ଥାୟୀ ଅର୍ଥନୈତିକ ଅଞ୍ଚଳ ଭାବେ ବିକଶିତ କରାଯିବ। ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ସାମ୍ନାରେ ଏହି ପ୍ରସ୍ତାବିତ କରିଡରର ତଥ୍ୟ ଉପସ୍ଥାପନ କରାଯାଇଛି। ଆଗାମୀ ୫୦ ବର୍ଷକୁ ଆଖି ଆଗରେ ରଖି ଆବଶ୍ୟକସ୍ଥଳେ ଆଉ ଅଧିକ ଅଞ୍ଚଳ ଏଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ତେବେ ଏହି ପ୍ରକଳ୍ପ ନିର୍ମାଣ ପୂର୍ବରୁ ଅନ୍ୟ ରାଜ୍ୟମାନଙ୍କୁ ଯାଇ, ସେମାନଙ୍କ ଯୋଜନାକୁ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ନିକଟବର୍ତ୍ତୀ ଅଞ୍ଚଳରେ ଆଉ ଏକ ନୂତନ ସହର ନିର୍ମାଣ ଏବଂ ମେଟ୍ରୋ ଟ୍ରୋ ରେଳ ଚଳାଚଳ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା ।ରାଜ୍ୟର ସହରାଞ୍ଚ ବିକାଶ ପାଇଁ ଏକ ଯୋଜନ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଜନା ପ୍ରସ୍ତୁତ ନଗର ଉନ୍ନୟନ ବିଭାଗର ସମୀକ୍ଷା ବୈଠକରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ସଚିବ ମନୋଜ ଆହୁଜା, ଉନ୍ନୟନ କମିସନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ, ଅର୍ଥ ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ଉପସ୍ଥିତ ଥିଲେ।

# କଂଗ୍ରେସକୁ ସାଥୀ କରି ଲଢ଼ିଥିଲେ ବିଜେପିର ବାଟ ଓଗାଳି ପାରିଥା’ନ୍ତା କି ଆପ୍



ଭୁବନେଶ୍ୱର,୮।୨(ପି.ଏନ): ଦିଲ୍ଲୀ ବିଧାନସଭା ନିର୍ବାଚନର ଭୋଟ୍ ଗଣତି ଶେଷ ହୋଇଆସିଲାଣି। ଦିଲ୍ଲୀରେ ଏଥର ପଦ୍ମ ଫୁଟିଥିବା ବେଳେ ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟ ରଖିଥିବା ଆପ୍‌କୁ ଲାଗିଛି ବଡ ଝଟକା। ଖବର ଲେଖାଯିବା ସୁଦ୍ଧା ୭୦ଟି ବିଧାନସଭା ଆସନରୁ ବିଜେପି ୪୪ଟି ଆସନରେ ବିଜୟ ଲାଭ କରିସାରିଥିବା ବେଳେ ୪ଟିରେ ଆଗୁଆ ରହିଛି। ସେହିପରି ଆପ୍ ୨୦ଟି ଆସନରେ ଜିତିଥିବା ବେଳେ ୨ଟିରେ ଆଗୁଆ ରହିଛି। ଏଠାରେ ସରକାର ଗଢ଼ିବା ପାଇଁ ମ୍ୟାଜିକ୍ ନମ୍ବର ୩୬ ହୋଇଥିବା ବେଳେ ବିଜେପି ଏହାକୁ ହାସଲ କରିସାରିଲାଣି। ଅନ୍ୟପକ୍ଷରେ କଂଗ୍ରେସ ଖାତା ଖୋଲି ପାରି ନାହିଁ। ଆଉ ଏହା ଭିତରେ ଏକ ପ୍ରଶ୍ନ ଅନେକଙ୍କ ମନକୁ ଆସିଛି ଯେ କଂଗ୍ରେସକୁ ସାଥୀ କରି ଲଢ଼ିଥିଲେ ବିଜେପିର ବାଟ ଓଗାଳି ପାରିଥା’ନ୍ତା କି ଆପ୍।

ଏଭଳି ଏକ ପ୍ରଶ୍ନ ଉଠିବାର କାରଣ ହେଉଛି କେତେକ ଆସନରେ ବିଜୟୀ ବିଜେପି ପ୍ରାର୍ଥୀ ଓ ପରାଜିତ ଆପ୍ ପ୍ରାର୍ଥୀଙ୍କ ମଧ୍ୟରେ ଥିବା ଭୋଟ୍ ବ୍ୟବଧାନ। ଉଦାହରଣ ସ୍ୱରୁପ ନୂଆଦିଲ୍ଲୀ ଆସନକୁ ନିଆଯାଉ। ଏହି ଆସନରୁ ପ୍ରାର୍ଥୀ ହୋଇଥିଲେ ଖୋଦ୍ ଆପ୍ ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ସେ ପରାସ୍ତ ହୋଇଛନ୍ତି। କେଜ୍ରିୱାଲ ୨୫,୯୯୯ ଖଣ୍ଡ ଭୋଟ୍ ପାଇଥିବା ବେଳେ ବିଜୟ ପ୍ରାର୍ଥୀ ବିଜେପିର ପ୍ରବେଶ ସାହିବ ସିଂହ ବର୍ମା ୩୦,୦୮୮ ଖଣ୍ଡ ଭୋଟ୍ ପାଇଛନ୍ତି। ଅର୍ଥାତ୍ କେଜ୍ରିୱାଲ ୪୦୮୯ ଖଣ୍ଡ ଭୋଟ୍‌ରେ ପରାସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ତୃତୀୟ ସ୍ଥାନରେ ରହିଥିବା କଂଗ୍ରେସ ପ୍ରାର୍ଥୀ ସନ୍ଦୀପ ଦିକ୍ଷୀତ (ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଶୀଲା ଦିକ୍ଷୀତଙ୍କ ପୁଅ) ୪୫୬୮ ଖଣ୍ଡ ଭୋଟ୍ ପାଇଛନ୍ତି। ଯଦି ଆପ୍ ଓ କଂଗ୍ରେସ ମିଳିତ ଭାବେ ଅରବିନ୍ଦ କେଜ୍ରିୱାଲଙ୍କୁ ପ୍ରାର୍ଥୀ କରିଥାଆନ୍ତେ, ତା’ହେଲେ କିଛି ଫରକ ପଡିଥାଆନ୍ତା କି? ବିଜେପିର ପ୍ରବେଶ ସାହିବ ସିଂହ ବର୍ମା ଜିତିପାରିଥା’ନ୍ତେ କି? ସେହିପରି ଆପ୍‌ର ଅନ୍ୟତମ ପ୍ରମୁଖ ନେତା ତଥା ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ମଧ୍ୟ ପରାସ୍ତ ହୋଇଛନ୍ତି। ସେ ଜଙ୍ଗପୁରା ଆସନରୁ ପରାସ୍ତ ହୋଇଛନ୍ତି। ସେ ୩୮,୧୮୪ଖଣ୍ଡ ଭୋଟ୍ ପାଇଥିବା ବେଳେ ବିଜେପିର ତରଭିନ୍ଦର ସିଂହ ମରୱା ୩୮,୮୫୯ ଖଣ୍ଡ ଭୋଟ୍ ପାଇଛନ୍ତି। ଅର୍ଥାତ୍ ମାତ୍ର ୬୭୫ ଖଣ୍ଡ ଭୋଟ୍‌ରେ ପରାସ୍ତ ହୋଇଛନ୍ତି ମନୀଷ ସିସୋଦିଆ। ଅନ୍ୟପକ୍ଷରେ ଏଠାରୁ କଂଗ୍ରେସ ଫରହଦ ସୁରୀଙ୍କୁ ପ୍ରାର୍ଥୀ କରିଥିଲା। ସେ ୭୩୫୦ ଖଣ୍ଡ ଭୋଟ୍ ପାଇଛନ୍ତି। ଯଦି ମନୀଷ ଓ ଫରହଦଙ୍କ ଭୋଟ୍‌କୁ ମିଶାଇ ଦିଆଯାଏ, ତା’ହେଲେ ୪୫,୫୩୪ ହେଉଛି। ଅର୍ଥାତ୍ ବିଜେପି ପ୍ରାର୍ଥୀ ତରଭିନ୍ଦର ସିଂହ ମରୱା ପାଇଥିବା ଭୋଟ୍ ଠାରୁ ୬୬୭୫ ଖଣ୍ଡ ଅଧିକ ହେଉଛି। ଏଣୁ ଏହାକୁ ଦେଖିଲେ ଲାଗୁଛି ଏହି ଆସନରେ ଆପ୍ ଓ କଂଗ୍ରେସ ମିଳିତ ଭାବେ ମନୀଷଙ୍କୁ ପ୍ରାର୍ଥୀ କରିଥିଲେ ତରଭିନ୍ଦନ ଜିତି ପାରିଥା’ନ୍ତେ କି?

ଆଉ ଗୋଟିଏ ଉଦାହରଣ ନିଆଯାଉ। ଗ୍ରେଟର କୈଳାସ ଆସନରେ ପରାସ୍ତ ହୋଇଛନ୍ତି ଜଣାଶୁଣା ଆପ୍ ନେତା ତଥା ମନ୍ତ୍ରୀ ସୌରଭ ଭରଦ୍ୱାଜ। ସେ ଏହି ଆସନରେ ବିଜେପିର ଶିଖା ରୟଙ୍କଠାରୁ ପରାସ୍ତ ହୋଇଛନ୍ତି। ସୌରଭ ଭରଦ୍ୱାଜ ୪୬,୪୦୬ ଖଣ୍ଡ ଭୋଟ୍? ପାଇଥିବା ବେଳେ ଶିଖା ୪୯,୫୯୪ ଖଣ୍ଡ ଭୋଟ୍ ପାଇଛନ୍ତି। ଅର୍ଥାତ୍ ସୌରଭ ଭରଦ୍ୱାଜ ମାତ୍ର ୩୧୮୮ ଖଣ୍ଡ ଭୋଟ୍‌ରେ ପରାସ୍ତ ହୋଇଛନ୍ତି। ଏହି ଆସନରେ ମଧ୍ୟ କଂଗ୍ରେସ ତୃତୀୟ ସ୍ଥାନରେ ରହିଛି। ଦଳୀୟ ପ୍ରାର୍ଥୀ ଗର୍ବିତ ସିଂଘଭି ୬୭୧୧ ଖଣ୍ଡ ଭୋଟ୍ ପାଇଛନ୍ତି। ଯଦି ସୌରଭ ଭରଦ୍ୱାଜ ଓ ଗର୍ବିତ ସିଂଘଭିଙ୍କ ଭୋଟ୍‌କୁ ମିଶାଇ ଦିଆଯିବ, ତାହା ବିଜେପିର ଶିଖା ରୟ ପାଇଥିବା ଭୋଟ୍ ଠାରୁ ୩୫୨୩ ଖଣ୍ଡ ଅଧିକ ହେବ। ତେଣୁ ଏହି ଆସନର ଫଳାଫଳ ଆସିବା ପରେ ମଧ୍ୟ ସମାନ ପ୍ରଶ୍ନ ମନକୁ ଆସିଛି ଯେ ଆପ୍ ଓ କଂଗ୍ରେସ ମିଳିତ ଭାବେ ସୌରଭ ଭରଦ୍ୱାଜଙ୍କୁ ପ୍ରାର୍ଥୀ କରିଥିଲେ ଶିଖା ରୟ ଜିତିପାରିଥା’ନ୍ତେ କି?

ସଂଗ୍ରାମ ବିହାର ବିଧାନସଭା ଆସନରେ ବିଜେପି ନେତା ଚନ୍ଦନ କୁମାର ଚୌଧୁରୀ ବିଜୟୀ ହୋଇଛନ୍ତି। ସେ ୫୪,୦୪୯ ଖଣ୍ଡ ଭୋଟ୍ ପାଇଛନ୍ତି। ଏଠାରେ ପରାସ୍ତ ହୋଇଥିବା ଆପ୍ ପ୍ରାର୍ଥୀ ଦୀନେଶ ମୋହନିୟା ୫୩,୭୦୫ ଖଣ୍ଡ ଭୋଟ୍ ପାଇଛନ୍ତି। ଦୀନେଶ ମାତ୍ର ୩୪୪ ଖଣ୍ଡ ଭୋଟ୍ ?ରେ ପରାସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଏହି ଆସନରେ ପ୍ରାର୍ଥୀ ହୋଇଥିବା କଂଗ୍ରେସ ନେତା ହର୍ଷ ଚୌଧୁରୀ ୧୫,୮୬୩ ଖଣ୍ଡ ଭୋଟ୍ ପାଇଛନ୍ତି। ହୁଏତ ଆପ୍ ଓ କଂଗ୍ରେସ ମିଳିତ ଭାବେ ଏହି ଆସନରେ ଦୀନେଶ ଅବା ହର୍ଷଙ୍କ ମଧ୍ୟରୁ ଜଣଙ୍କୁ ପ୍ରାର୍ଥୀ କରିଥିଲେ, ବିଜେପି ପ୍ରାର୍ଥୀ ଚନ୍ଦନ କୁମାର ଚୌଧୁରୀ କ’ଣ ବିଜୟୀ ହୋଇଥା’ନ୍ତେ ବୋଲି ପ୍ରଶ୍ନ ଉଠିଛି। ତେବେ ୭୦ଟି ଯାକ ବିଧାନସଭା ଆସନର ଫଳାଫଳକୁ ତର୍ଜମା କଲେ ଜଣାପଡିବ ଯେ ଯଦି ଆପ୍ ଓ କଂଗ୍ରେସ ମିଳିତ ଭାବେ ଏହି ନିର୍ବାଚନ ଲ?ଢ଼ିଥା’ନ୍ତେ, ତା’ହେଲେ ଫଳାଫଳ କିଛି ଅଲଗା ହୋଇଥା’ନ୍ତା ନା ନାହିଁ। ଅବଶ୍ୟ ସେମାନେ ମିଳିତ ଭାବେ ଲଢ଼ିଥିଲେ, କେଉଁମାନଙ୍କୁ କେଉଁଠାରେ ପ୍ରାର୍ଥୀ କରିଥା’ନ୍ତେ ଓ ଭୋଟର ସେମାନଙ୍କୁ ପସନ୍ଦ କରିଥା’ନ୍ତେ କି ନାହିଁ, ତାହା ଭିନ୍ନ ଏକ କଥା।

# ଏୟାର ଆମ୍ବୁଲାନ୍ସରେ ସ୍ଥାନାନ୍ତର ହେବେ ଉତ୍ତମ ମହାନ୍ତି



ଭୁବନେଶ୍ୱର,୮।୨(ପି.ଏନ): ଏୟାର ଆମ୍ବୁଲାନ୍ସରେ ସ୍ଥାନାନ୍ତର ହେବେ ଉତ୍ତମ ମହାନ୍ତି। ଅବସ୍ଥା ଗୁରୁତର ଥିବାରୁ ସ୍ଥାନାନ୍ତର ହେବେ କହିଲେ ପୁଅ ବାବୁସାନ।ଉନ୍ନତ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ନିଆଯିବା ନେଇ କହିଲେ ବାବୁସାନ। ବର୍ତ୍ତମାନ ସେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ।ଆଇସିୟୁରେ ଚିକିତ୍ସା ଚାଲିଥିବା ବେଳେ ସେ ଭେଣ୍ଟିଲେଟରରେ ଥିବା ସୂଚନା । ଏହି ଖବର ଶୁଣି ଅନେକ ଫ୍ୟାନ୍ସଙ୍କୁ ବଡ ଝଟକା ଲାଗିଛି ।ସୂଚନାରୁ ପ୍ରକାଶ ଏକ ଫିଲ୍ମ ସୁଟିଂ ପାଇଁ ଯାଇଥିବା ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା । ପରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ କିନ୍ତୁ ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ଭେଣ୍ଟିଲେଟରରେ ଭର୍ତ୍ତି କରାଯାଇଥିଲା। କହିରଖୁଛୁ ‘ବୋଉ ବୁଟୁ ଭୂତ’ ସିନେମା ସୁଟିଂ ଚାଲିଥିବା ସମୟରେ ସେ ହଠାତ ଅସୁସ୍ଥ ହୋଇପଡିଥିଲେ । ଏହି ସିନେମାରେ ତାଙ୍କ ସହ ପତ୍ନୀ ଅପରାଜିତା ଓ ପୁଅ ବାବୁସାନ ମଧ୍ୟ ଅଭିନୟ କରିଛନ୍ତି ।ତିନି ଦଶନ୍ଧି ଧରି ଓଡିଆ ଚଳଚ୍ଚିତ୍ର ଜଗତରେ ନିଜର ପତିଆରା ଜାହିର କରିଥିବା ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି ଅଶୀ ଦଶକରେ ଥିଲେ ଏକ ଅପ୍ରତିଦ୍ୱନ୍ଦ୍ୱୀ ଚେହେରା ସେ ହସ୍ପିଟାଲରେ ଭର୍ତ୍ତି ହେବାର ଖବର ପ୍ରସାରିତ ହେବା ପରେ, ଶୁଭେଚ୍ଛୁ ଏବଂ ପ୍ରଶଂସକମାନେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଆଶୁଆରୋଗ୍ୟର କାମନା କରିଛନ୍ତି ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ’ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ’ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ’ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## ‘କର୍ଫି’ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା’ ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା’। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା’ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା’। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା’ ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା’ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢ଼ମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।






### ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ଘାତକ ଡାଏବେଟିସ୍

ମଧୁମେହ ସମସ୍ୟାକୁ ସମୂଳେ ନାଶ କରିବା ହୁଏତ ଅସମ୍ଭବ, କିନ୍ତୁ ସାମାନ୍ୟ ସାବଧାନତା ଅବଲମ୍ବନ କରାଗଲେ ଏଥିରୁ ସୃଷ୍ଟି ହେବାକୁ ଥିବା ପ୍ରାଣଘାତକ ସମସ୍ୟାରୁ ଅନେକ ରକ୍ଷା ପାଇହେବ। ଏହି ରୋଗ ଅନେକ ସମୟରେ ପ୍ରାକୃତିକ କିମ୍ବା ବଂଶାନୁକ୍ରମିକ ହୋଇଥାଏ। ମଧୁମେହ ହେବାର ଦୁଇଟି କାରଣ ରହିଛି। ଶରୀରରେ ଇନ୍‌ସୁଲିନ୍ ତିଆରି ବନ୍ଦ ହେବା କିମ୍ବା ଇନ୍‌ସୁଲିନ୍ ପ୍ରଭାବ ଶରୀରରେ ହ୍ରାସ ପାଇବା। ଏହି ଦୁଇଟି ପରିସ୍ଥିତିରେ ଶରୀରରେ ଗ୍ଲୁକୋଜ ବା ଶର୍କରା ମାତ୍ରା ବୃଦ୍ଧି ପାଇଥାଏ। ମଧୁମେହ ରୋଗୀ ପ୍ରଥମେ ନିଜ ଆହାର ଉପରେ ଧ୍ୟାନ ଦେବା ଉଚିତ। ଏହି ରୋଗ ବୟସ ସହ ମୃତ୍ୟୁ ପର୍ଯ୍ୟନ୍ତ ରହିଥାଏ। ତେଣୁ ଏଥିରୁ ସୃଷ୍ଟି ହେବାକୁ ଥିବା ବିପଦରୁ ମୁକ୍ତ ରହିବାକୁ ହେଲେ ସାବଧାନତା ଓ ଜୀବନଶୈଳୀରେ ଶୃଙ୍ଖଳା ରକ୍ଷା ହିଁ ଏକମାତ୍ର ଉପାୟ। ରକ୍ତରେ ଗ୍ଲୁକୋଜ ଶର୍କରା ସ୍ତର ନିର୍ଦ୍ଧାରିତ ସୀମାରୁ ଅଧିକ ହେଲେ ଏହାକୁ ମଧୁମେହ କୁହାଯାଏ। ପ୍ରକୃତରେ ମଧୁମେହ ବା ଡ଼ାଏବିଟିସ୍ ଜୀବନଶୈଳୀରେ ପରିବର୍ତ୍ତନ ବା ଆନୁବଂଶିକ ହୋଇଥାଏ। ଯାହା ଶରୀରରେ ପାନ୍‌କ୍ରିୟାଜ୍ ବା ଅଗ୍ନାଶୟ ଗ୍ରନ୍ଥିକୁ ନିଷ୍କ୍ରିୟ କରି ରୋଗୀକୁ ପ୍ରଭାବିତ କରେ। ପାନ୍‌କ୍ରିୟାଜ୍ ନିଷ୍କ୍ରିୟ ହେବା ଦ୍ୱାରା ଇନ୍‌ସୁଲିନ୍ ରକ୍ତରେ ଶର୍କରାରମାତ୍ରାକୁ ସନ୍ତୁଳିତ କରୁଥିବା ହରମୋନ ତିଆରି ବନ୍ଦ ହୋଇଯାଏ। ଏହାସହ କୋଲେଷ୍ଟୋରଲ୍ ଓ ଚର୍ବି ସ୍ତର ମଧ୍ୟ ଅସନ୍ତୁଳିତ ହୋଇଯାଏ। ଯେଉଁ କାରଣରୁ ଶରୀରରେ ପରିବର୍ତ୍ତନ ଆସିବା ସହ ଚକ୍ଷୁ, ମସ୍ତିଷ୍କ, ହୃତ୍‌ପିଣ୍ଡ ସମ୍ବନ୍ଧୀୟ ସମସ୍ୟାର ସାମ୍ନା କରିବାକୁ ପଡ଼େ। ଡାଏବିଟିସ୍‌ର ପ୍ରଭାବ କିଡ଼ନୀ ଉପରେ ରୋଗ ଆରମ୍ଭ ହେବାର କିଛି ବର୍ଷ ମଧ୍ୟରେ ପଡ଼ିଥାଏ। ଏହାକୁ ରୋକିବାକୁ ବ୍ଲଡ଼ ସୁଗାର ଏବଂ ରକ୍ତଚାପ ଉଭୟକୁ ନର୍ମାଲ ରଖିବା ଦରକାର। ବ୍ଲଡ଼ ସୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିପାରିଲେ ଆଖିର ମୋତିଆବିନ୍ଦୁ ଭଳି ସମସ୍ୟାରୁ ରକ୍ଷା ପାଇପାରିବେ। ମଧୁମେହ ରୋଗୀଙ୍କ ମଧ୍ୟରେ ଅଧିକାଂଶ ୬୫ ବର୍ଷ ବୟସରେ ପହ ୍ବା ବେଳକୁ ହୃଦ୍‌ଘାତଜନିତ ସମସ୍ୟାରେ ପୀଡ଼ିତ ହୋଇଥାନ୍ତି। ଏଥିରୁ ବର୍ତ୍ତିବାକୁ ଗ୍ଲୁକୋଜ ସ୍ତରକୁ ନିୟନ୍ତ୍ରଣରେ ରଖିବା ସହ ରକ୍ତଚାପ, କୋଲେଷ୍ଟୋରଲ୍ ଓ ଅବସାଦ ଉପରେ ନିୟନ୍ତ୍ରଣ ରଖିବା ଜରୁରୀ। ମଧୁମେହ ଯୋଗୁ ହୃଦ୍‌ଘାତ, ଷ୍ଟ୍ରୋକ୍, ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ସଂକ୍ରମଣ ଓ କିଡ଼ନୀ ଫେଲ ଭଳି ବିପଦ ମଧ୍ୟ ସୃଷ୍ଟି ହୋଇଥାଏ। ଏହା ଧମନୀ, ତ୍ୱଚା ଓ ନାଡିତନ୍ତ୍ରକୁ ମଧ୍ୟ ହାନି ପହ ାଇଥାଏ।

ଡାଏବିଟିସ୍‌ରେ ପୀଡ଼ିତ ହେଲେ ଥକ୍କାପଣ, ଶରୀର ଦୁର୍ବଳ ହୋଇପଡ଼ିବା, ଗୋଡ଼ରେ ଯନ୍ତ୍ରଣା, ପାଦବିନ୍ଧା, ଗୋଡ଼ରେ ଘା' ଦୀର୍ଘ ଦିନ ଯାଏ ନଶୁଖି ଗାଙ୍ଗିନ୍‌ର ରୂପ ନେବା, ଅଧିକ ପରିସ୍ରା ଓ ଭୋକ ଲାଗିବା, ଓଜନ ହ୍ରାସ ହେବା, ବାରମ୍ବାର ଚଷମା ନମ୍ବର ପରିବର୍ତ୍ତନ କରିବା, ଯୌନାଙ୍ଗରେ କୁଣ୍ଡାଇ ହେବା ବା ସଂକ୍ରମଣ, ହୃଦୟଜନିତ ସମସ୍ୟା କିମ୍ବା ମାନସିକ ଅସ୍ଥିରତା ସୃଷ୍ଟି ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଡାଏବିଟିସ୍ ବା ମଧୁମେହ ଏସିଆର ସବୁଠୁ ବଡ଼ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରେ ଗୋଟିଏ। ଯାହାର ପ୍ରଭାବ ସବୁଠୁ ଅଧିକ ଭାରତରେ ଦେଖାଯାଏ।

ଅନ୍ତଃରାଷ୍ଟ୍ରୀୟ ଡାଏବିଟିସ୍ ଫେଡେରେସନ ପ୍ରକାଶିତ, ଭାରତରେ ପ୍ରାୟ ୬.୫ କୋଟି ବୟସ୍କ ଡାଏବିଟିସ୍ ଓ ୭.୭ କୋଟି ଲୋକ ପ୍ରି ଡାଏବିଟିସ୍ ସମସ୍ୟାରେ ପୀଡ଼ିତ। ବର୍ତ୍ତମାନ ସ୍ଥିତି ଦେଖି ଅନେକ ସ୍ୱାସ୍ଥ୍ୟ ସଂଗଠନ ଏହି ଅନୁମାନ ଲଗାଇଛନ୍ତି ଯେ, ଭାରତରେ ୨୦୩୦ ବେଳକୁ ଡାଏବିଟିସ୍‌ରେ ପୀଡ଼ିତଙ୍କ ସଂଖ୍ୟା ପ୍ରାୟ ୧୦ କୋଟି ଓ ୨୦୩୫ ବେଳକୁ ୧୦.୯ କୋଟିରେ ପହ ସାରିଥିବ। ଭାରତରେ ମେଟାବୋଲିକ୍ ସର୍ଜରୀ ଫାଉଣ୍ଡେସନ ପକ୍ଷରୁ ବାରିଏଟ୍ରିକ୍ ସର୍ଜରୀ ଦ୍ୱାରା ମଧୁମେହର ଉପଚାର କରାଯାଉଛି। ଯଦ୍ୱାରା ୨୦୧୧ରେ ପ୍ରାୟ ୩୫ଶହ ଓ ୨୦୧୭ରେ ୧୦ ହଜାର ପୀଡ଼ିତଙ୍କ ଚିକିତ୍ସା ସମ୍ଭବ ହୋଇପାରିଥିଲା। ଡାଏବିଟିସ୍ ରୋଗରୁ ରକ୍ଷା ପାଇବାକୁ ହେଲେ ଉଚିତ ବିଶ୍ରାମ ଓ ଦୃଢ଼ ସଂକଳ୍ପ ଅତ୍ୟନ୍ତ ଜରୁରୀ। ଏହା ବ୍ୟତୀତ ରକ୍ତରେ ଗ୍ଲୁକୋଜ ମାତ୍ରାର ନିୟମିତ ଯା , ବ୍ୟାୟାମ ଆଦି ମଧୁମେହର ରୋଗରେ ଇନ୍‌ସୁଲିନ୍ କମ୍ ମାତ୍ରାରେ ତିଆରି ହୋଇଥାଏ। ନଚେତ୍ ପାନକ୍ରିୟାଜ ଠିକ୍ ଭାବେ କାମ କରିନଥାଏ। ମଧୁମେହର ୯୦ ପ୍ରତିଶତ ରୋଗୀ ଏହି ସ୍ତରରେ ଆସିଥାନ୍ତି। ବ୍ୟାୟାମ, ବାଲାନ୍ସଡ ଡାଏଟ ଓ ନିୟମିତ ଔଷଧ ସେବନ ଦ୍ୱାରା ଏହାକୁ ନିୟନ୍ତ୍ରଣରେ ରଖିହେବ।

**ଡାଏବିଟିସ୍‌ର ସାମାନ୍ୟ ସ୍ତର :** ରକ୍ତରେ ଶର୍କରାର ସାମାନ୍ୟ ସ୍ତର ନିମ୍ନ ପ୍ରକାର ରହିବା ଦରକାର। ଭୋକିଲା ପେଟରେ ଅବା ବ୍ରତ ଉପବାସ ସମୟରେ ଶର୍କରା ୧୦୦ ମିଗ୍ରା। ଖାଦ୍ୟ ଖାଇବା ପୂର୍ବରୁ ୭୦ରୁ ୧୩୦ମିଗ୍ରା। ଖାଦ୍ୟ ଖାଇବା ପରେ ଶର୍କରାର ପରିମାଣ ୧୮୦ ମିଗ୍ରାରୁ କମ୍। ଶୋଇବା ସମୟରେ ସାମାନ୍ୟ ମାତ୍ରା ୧୦୦ରୁ ୧୪୦ ମିଗ୍ରା।

**ଡାଏବିଟିସ୍‌ର ଯା ନିଦାନ:** ବେନେଡିକ୍ଟ ଟେଷ୍ଟ, ଗ୍ଲୁକୋଜ ଅକ୍ସିଡେଜ୍ ଟେଷ୍ଟ, ଖାଲି ପେଟରେ ଶର୍କରା ସ୍ତରର ଯା , ଗ୍ଲୁକୋଜ ଟଲରାନ୍ସ ଟେଷ୍ଟ ଡାଏବିଟିସ୍ ରୋଗରେ ଅବସାଦର ଭୂମିକା ମହତ୍ତ୍ୱପୂର୍ଣ୍ଣ ରହିଥାଏ। ଅବସାଦରୁ ବର୍ତ୍ତିବାକୁ ଯଥାସମ୍ଭବ ଚେଷ୍ଟା କରିବେ। ଅବସାଦ ଯୋଗୁଁ ହାର୍ଟ ଉପରେ କୁପ୍ରଭାବ ପଡ଼େ। ତେଣୁ ପରସ୍ପର ସହ ଆଲୋଚନା କରି ଅବସାଦକୁ ନିଜ ଠାରୁ ଦୂରେଇ ଦିଅନ୍ତୁ। ଶାରୀରିକ ରୂପରେ ସକ୍ରିୟ ରୁହନ୍ତୁ - ନିତ୍ୟ ବ୍ୟାୟାମ, ଯୋଗ, ପ୍ରାଣାୟମ ଅଭ୍ୟାସ କରିବା ଦ୍ୱାରା ମଧୁମେହ ନିୟନ୍ତ୍ରଣରେ ରହିଥାଏ। ଏହାସହ ମୋଟାପଣକୁ ନିୟନ୍ତ୍ରଣରେ ରଖିବା ମଧ୍ୟ ଏକ ସମୟରେ ଗୁରୁତ୍ୱପୂର୍ଣ୍ଣ। ନିୟମିତ ସୁଗର ସ୍ତର ଯା ନିତାନ୍ତ ଜରୁରୀ। କୌଣସି ପ୍ରକାର ଘା'କୁ ଖୋଲା ଛାଡ଼ନ୍ତୁ ନାହିଁ। ଫଳରସ ସେବନ କରିବା ପରିବର୍ତ୍ତେ ଫଳ ଖାଆନ୍ତୁ। ବ୍ୟାୟାମ ବା ଚାଲିବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରଖନ୍ତୁ। ଯୋଗ ମଧ୍ୟ ମଧୁମେହ ରୋଗୀଙ୍କ ପାଇଁ ବେଶ ଲାଭକାରୀ। ଗ୍ଲୁକୋଜ, ଚିନି, ଜ୍ୟାମ୍, ଗୁଡ଼, ମିଠା, ଆଇସ୍‌କ୍ରିମ, କେକ, ପେଷ୍ଟ୍ରିଜ୍ ଓ ଚକୋଲେଟ୍ ଆଦିଠାରୁ ମଧୁମେହ ରୋଗୀ ଦୂରେଇ ରହିବା ଉଚିତ। ଛଣାଛଣି ଅବା ତେଲମସଲା ଜାତୀୟ ଖାଦ୍ୟ ଏମାନଙ୍କ ପାଇଁ ହାନିକାରକ। ଏହାବ୍ୟତୀତ ମଦ୍ୟପାନ ଅବା ମୃଦୁପାନୀୟ ଡାଏବିଟିସ୍ ରୋଗୀଙ୍କ ପାଇଁ ବିପଦ ଆଣିପାରେ। ଡାଏବିଟିସ୍ ରୋଗୀଙ୍କୁ ଧୂମପାନ ଠାରୁ ଦୂରେଇ ରହିବା ସହ ବାଦାମ ତଥା ଆଳୁ ଓ ସାରୁ ଭଳି ପରିବା କମ୍ ଅବା ଆଦୌ ଖାଇବା ଉଚିତ ନୁହେଁ। ଏଭଳି ବ୍ୟକ୍ତିଙ୍କୁ କିଛି ଫଳ ଯେମିତିକି କଦଳୀ, ଖଜୁରୀ, ଆତ, ସେପେଟା ଆଦିଠୁ ଦୂରେଇ ରହିବା ଉଚିତ। ଡାଏବିଟିସ୍‌ରେ ପୀଡ଼ିତ ରୋଗୀଙ୍କ ପାଇଁ ସାଲାଡ୍ ଉତ୍ତମ। ଏହାସହ ବିଭିନ୍ନ ପ୍ରକାର ଶାଗ (ମେଥି, ପାଳଙ୍ଗ, ସୋରିଷଶାଗ, ଚଣାଶାଗ), କାକୁଡ଼ି, କ୍ୟାପ୍ସିକମ୍, ଭେଣ୍ଡି, ପାଣିକଖାରୁ, ଜହ୍ନି, ଗୁଆଁର, ଶିମ୍ବ, ଝୁଡୁଙ୍ଗ ଓ ଗାଜର ଆଦି ଖାଇବା ଦରକାର। ଏହାବ୍ୟତୀତ ଫାଇବର ଏବଂ ଓମେଗା ୩ ଫ୍ୟାଟି ଏସିଡ୍‌ଯୁକ୍ତ ଆହାର ଅଧିକ ପରିମାଣରେ ସେବନ କରିବା ଉଚିତ। ଯଦି ଆମିଷ ଖାଇବାକୁ ପସନ୍ଦ କରୁଛନ୍ତି, ତେବେ ତନ୍ଦୁରୀ କିମ୍ବା ସିଝା ମାଂସ, ଚିକେନ ଓ ମାଛ ଖାଇପାରିବେ। ଗୋଟିଏ କିମ୍ବା ଦୁଇଟି ଅଣ୍ଡା ମଧ୍ୟ ଚାହିଁଲେ ଖାଇପାରିବେ। ବର୍ତ୍ତମାନ ମହାନଗରମାନଙ୍କରେ ଛୋଟ ପିଲା ଡାଏବିଟିସ୍‌ରେ ଖୁବ୍ ସହଜରେ ଶିକାର ହେଉଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ପିଲାଙ୍କ ଜୀବନଶୈଳୀ ଏବଂ ଖାଦ୍ୟପେୟ। ଏବର ପିଲାଙ୍କଠାରେ ଦେଖାଯାଉଥିବା ମଧୁମେହ ଅନ୍ୟ ଏକ କାରଣ ହେଉଛି ଜଙ୍କଫୁଡ୍, ସଫ୍ଟଡ୍ରିଙ୍କ ଭଳି ସୌଖୀନ ଖାଦ୍ୟର ସେବନ। ସେମାନଙ୍କୁ ଏହା ଜଣାନଥାଏ ଯେ, ଏ ସମସ୍ତ ଖାଦ୍ୟଦ୍ରବ୍ୟ ଭବିଷ୍ୟତରେ ହେବାକୁ ଥିବା ଏହି ରୋଗ ପିଲାଦିନୁ ହିଁ ଗ୍ରାସ କରିବ। ମଧୁମେହରେ ପୀଡ଼ିତ ହେବାରୁ ସେମାନଙ୍କ ଶରୀରରେ ସନ୍ତୁଳନ ରଖୁଥିବା ବିଟା ସେଲ୍ ଦୁର୍ବଳ ହୋଇପଡ଼େ। ତେବେ ସାମାନ୍ୟ ସାବଧାନତା ଅବଲମ୍ବନ କଲେ ପିଲାଙ୍କୁ ଏହି ରୋଗୀ ଠାରୁ ଦୂରେଇ ରଖିପାରିବେ। ଏଥିପାଇଁ ପ୍ରଥମେ ପିଲାଙ୍କ ଜଙ୍କଫୁଡ୍ ଏବଂ ସଫ୍ଟଡ୍ରିଙ୍କ ସେବନ ବନ୍ଦ କରିବାକୁ ପଡ଼ିବ। ଅସାମାନ୍ୟ ଭାବେ ବୃଦ୍ଧି ପାଉଥିବା ଶରୀରର ଓଜନକୁ ନିୟନ୍ତ୍ରଣ କରିବାକୁ ହେବ। ଶାରୀରିକ ସ୍ତରରେ ପିଲାଙ୍କୁ ସକ୍ରିୟ କରିବାକୁ ପଡ଼ିବ। ସକାଳ ସନ୍ଧ୍ୟାରେ ସେମାନଙ୍କୁ ଚଲାବୁଲା ଅଭ୍ୟାସ କରିବା ସହ ବ୍ୟାୟାମ ଓ ଯୋଗ ପ୍ରାଣାୟମ ଶିଖାଇବା ଦରକାର। ଏହାଦ୍ୱାରା ଅତିରିକ୍ତ କ୍ୟାଲୋରୀ ନଷ୍ଟ ହୋଇଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେମାନଙ୍କୁ ମିଠା, ଦ୍ରବ୍ୟଠାରୁ ଦୂରେଇ ରଖିବାକୁ ହେବ। ସମୟ ସମୟରେ ସେମାନଙ୍କ ଓଜନ ମାପିବା ସହ ବହୁ ପରିମାଣର ପାଣି ପିଆଇବା ଦରକାର।



ସମସ୍ୟାକୁ ଦୂର କରିବାରେ ସହାୟକ ହେବ। ଅଧିକ ଜାଣିବାକୁ ଡାକ୍ତରୀ ପରାମର୍ଶ ନେଇପାରନ୍ତି।

**ଡାଏବିଟିସ୍‌ର ପ୍ରକାର ଭେଦ-**

**ଟାଇପ୍ ୧ ଡାଏବିଟିସ୍:** ଟାଇପ୍ ୧ ଡ଼ାଏବିଟିସ୍ ପିଲାଦିନେ ଅବା କିଶୋରବସ୍ଥାରେ ଅଚାନକ ଇନ୍‌ସୁଲିନ୍‌ର ଉତ୍ପାଦନ ଅଭାବରୁ ହେଉଥିବା ରୋଗ। ଏ ଅବସ୍ଥାରେ ଇନ୍‌ସୁଲିନ୍ ତିଆରି ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଏ। ଏହା କୌଣସି ଆଣ୍ଟିବଡ଼ିଜ୍ କାରଣରୁ ବିଟା ସେଲ୍‌ର ସମ୍ପୂର୍ଣ୍ଣ ଭାବେ କାମ କରିବା ବନ୍ଦ ହେବା ଦ୍ୱାରା ହୋଇଥାଏ। ଏମିତିରେ ଶରୀରରେ ଗ୍ଲୁକୋଜର ବର୍ଦ୍ଧିତ ମାତ୍ରାକୁ ନିୟନ୍ତ୍ରଣ କରିବାକୁ ଇନ୍‌ସୁଲିନ୍ ଇଞ୍ଜେକ୍ସନର ଆବଶ୍ୟକ ପଡ଼ିଥାଏ। ଏଭଳି ରୋଗୀଙ୍କ ସଂଖ୍ୟା ଖୁବ୍ କମ୍।

**ଟାଇପ୍ ୨ ଡାଏବିଟିସ୍:** ଟାଇପ ୨ ଡାଏବିଟିସ୍ ସାଧାରଣ ଭାବେ ୩୦ ବର୍ଷ ବୟସ ପରେ ଧୀରେ ଧୀରେ ବୃଦ୍ଧି ପାଏ। ଏହାଦ୍ୱାରା ପ୍ରଭାବିତ ଅଧିକାଂଶ ଲୋକଙ୍କ ଓଜନ ସମାନ୍ୟରୁ ଅଧିକ ହୋଇଥାଏ କିମ୍ବା ପୃଥୁଳକାୟ ଉଦର ଯୋଗୁଁ ଏଭଳି ସମସ୍ୟା ଉତ୍ପନ୍ନ ହୁଏ। ଏହି ରୋଗ ଅନେକ ସମୟରେ ଆନୁବଂଶିକ ହୋଇଥିବା ବେଳେ ଅନ୍ୟ କେତେବେଳେ ପରିବର୍ତ୍ତିତ ଜୀବନଶୈଳୀ ସହ ଜଡ଼ିତ ଥାଏ। ଏହିପ୍ରକାର

# ଆଜାଦଙ୍କ ଇସ୍ତଫା କଂଗ୍ରେସ ପାଇଁ ଚେତାବନୀ

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, ସାଧାରଣ ନିର୍ବାଚନରେ କେନ୍ଦ୍ରରେ ବିଜେପି କ୍ଷମତାସୀନ ହେବା ପରଠାରୁ ଭାରତୀୟ ଜାତୀୟ କଂଗ୍ରେସରେ ବରିଷ୍ଠ ନେତାମାନଙ୍କର ଦଳ ଛାଡିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଯାହାକି ଦେଶର ସର୍ବପୁରାତନ ରାଜନୈତିକ ଦଳକୁ ଏକ ବୁଡିଯାଉଥିବା ଡଙ୍ଗା ସଦୃଶ କରିଦେଇଛି। ତେବେ ଦଳ ଯେତେବେଳେ ନିଜର ସ୍ଥିତି ବଂଚାଇବା ପାଇଁ ସଂଘର୍ଷ କରୁଛି ଏବଂ ଦଳର ସାଂଗଠନିକ ତଥା ସଭାପତି ନିର୍ବାଚନ ପାଇଁ କ୍ଷେତ୍ର ପ୍ରସ୍ତୁତି କରୁଛି, ସେତେବେଳେ ଦଳର ବରିଷ୍ଠ ନେତା ୭୩ ବର୍ଷ ବୟସ୍କ ଗୁଲାମ ନବୀ ଆଜାଦ୍, ଯେ କି ଦଳର ଚାରିଜଣ ପ୍ରଧାନମନ୍ତ୍ରୀଙ୍କ ଅଧିନରେ କାର୍ଯ୍ୟ କରିଛନ୍ତି, କେନ୍ଦ୍ରମନ୍ତ୍ରୀ ହୋଇଛନ୍ତି, ସମ୍ବେଦନଶୀଳ ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ଭାବେ ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ସର୍ବୋପରି ଦଳର ସାଧାରଣ ସମ୍ପାଦକ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି, ତାଙ୍କର ଇସ୍ତଫା ସର୍ବପୁରାତନ ରାଜନୈତିକ ଦଳ ପାଇଁ ଏକ ଅନ୍ତିମ ଚେତାବନୀ ବୋଲି କୁହାଯାଇପାରିବ। ଦଳର ଅନ୍ତରିଣ ସଭାପତି ସୋନିଆ ଗାନ୍ଧୀଙ୍କ ନିକଟକୁ ସେ ପଠାଇଥିବା ପାଂଚ ପୃଷ୍ଠାବ୍ୟାପୀ ଇସ୍ତଫାପତ୍ରରେ ନିଜର କ୍ଷୋଭ, ଯନ୍ତ୍ରଣାକୁ ଅବଗତ କରାଇବା ସହ ଦଳର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଆଚାର, ବିଚାର, ବ୍ୟବହାର, କାର୍ଯ୍ୟଶୈଳୀକୁ କଟୁ ସମାଲୋଚନା କରିବା ସହ ଦଳକୁ ପୁନର୍ଗଠନ ବା ପୁନରୁଦ୍ଧାର କରିବା ପାଇଁ ପରାମର୍ଶ ଦେବାକୁ ଭୁଲିନାହାଁନ୍ତି ବୋଲି କୁହାଯାଇପାରେ। ଏହା ମଧ୍ୟ ସତ୍ୟ ଯେ, ଆଜାଦ ଯେଉଁ ପରାମର୍ଶ ଦେଇଛନ୍ତି, ତାହା ବୁଡିଯାଇଥିବା କଂଗ୍ରେସର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଆହୁରି ମଧ୍ୟ ଆଜାଦଙ୍କ ପତ୍ର ତାଙ୍କର ରାଜନୈତିକ ଜୀବନର ନିଶ୍ଚିତ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଛାତ୍ରାବସ୍ଥାରୁ କଂଗ୍ରେସ ସହ ଜଡିତ ହୋଇ ଦୀର୍ଘ ୫୩ ବର୍ଷ ଧରି ଦଳ ପାଇଁ କାର୍ଯ୍ୟ କରିବା, ଦଳର ଦୁଃଖସୁଖରେ ସଂଶ୍ଳିଷ୍ଟ ରହିଥିବା ଆଜାଦ ପୂର୍ବତନ କଂଗ୍ରେସ ନେତା ବର୍ତ୍ତମାନର ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିର ସୁପ୍ରିମୋ ଶରଦ୍ ପାୱାରଙ୍କ ପରି ନୁହଁନ୍ତି। ଶ୍ରୀ ପାୱାର ଅତୀତରେ ଦଳର ଅଧ୍ୟକ୍ଷା ଶ୍ରୀମତୀ ଗାନ୍ଧୀଙ୍କର ବିଦେଶୀ ନାଗରିକତ୍ୱ ପ୍ରସଙ୍ଗ ଉଠାଇ ଦଳ ଛାଡିଥିବା ବେଳେ ଆଜାଦଙ୍କ ସମାଲୋଚନା ଅଧିକ ରାଜନୈତିକ ଗୁରୁତ୍ୱ ବହନ କରୁଛି। ଯାହାକି ଗୋଟିଏ ପ୍ରତିଷ୍ଠାନର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ନିଃସନ୍ଦେହରେ କୁହାଯାଇପାରିବ। ଆଜାଦ ତାଙ୍କ ସମାଲୋଚନାରେ 'କଟେରୀ' ଶବ୍ଦ ବ୍ୟବହାର କରିଥିବା ବେଳେ ଦଳର ଥିବା ମତ ବିନିମୟ ଅନ୍ତ ଘଟିଥିବା ଦର୍ଶାଇଛନ୍ତି। ଏଥିପାଇଁ ସେ ରାହୁଲ ଗାନ୍ଧୀଙ୍କୁ ସିଧାସଳଖ ଦାୟୀ କରିଛନ୍ତି। କୋଟେରୀ (ଖୋସମତିଆ)ଙ୍କ ଘେରରେ ରହି ରାହୁଲ ଅଭିଜ୍ଞ-ବରିଷ୍ଠ ନେତାମାନଙ୍କୁ ଅପମାନିତ କରିବା ସହ ଦଳର ପତନ ପାଇଁ ସିଧାସଳଖ ତାଙ୍କୁ ଦାୟୀ କରିଛନ୍ତି। କେବଳ ଏତିକି ରାହୁଲଙ୍କ ଆଚରଣକୁ ମଧ୍ୟ 'ପିଲାଳିଆମୀ' କହିବାକୁ ମଧ୍ୟ କୁଣ୍ଠାବୋଧ କରିନାହାନ୍ତି। ନିଜ ଦଳର ସରକାରଙ୍କର ଏକ ଅଧାଦେଶକୁ ରାଷ୍ଟ୍ରପତି ସ୍ୱୀକୃତି ଦେଇସାରିଥିବାବେଳେ ତାହାକୁ ଚିରି ଫିଙ୍ଗିଦେବା ପାଇଁ ସର୍ବସାଧାରଣରେ କହିବା ତାଙ୍କ ପିଲାଳିଆମୀ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ଆଜାଦ୍ ଦର୍ଶାଇବା ସହ ଏଥିଲାଗି ଉଭୟ ସରକାର ଓ ଦଳର ମୁହଁ ବିକୃତ ହୋଇଥିଲା ବୋଲି କହିଛନ୍ତି। କେବଳ ଏତକି ନୁହେଁ, ଦଳର ଅଧ୍ୟକ୍ଷ ପଦରୁ ଅଚାନକ ଇସ୍ତଫା ତାଙ୍କ ଅପରିପକ୍ୱତାର ପରିଚୟ ଦେଇଛି ବୋଲି କହିଛନ୍ତି। ଆହୁରି ମଧ୍ୟ ଅଧ୍ୟକ୍ଷ ପଦରୁ ଓହରି ଯାଇ ରିମୋଟ କଂଟ୍ରୋଲ ଏବଂ ପ୍ରକ୍ସି ମାଧ୍ୟମରେ ଦଳର ମାର୍ଗଦର୍ଶକ ସାଜିଛନ୍ତି। ଯାହାକି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। କେବଳ ଲୋକସଭା ନିର୍ବାଚନ ନୁହେଁ, ଦଳ ଗୋଟିଏ ପରେ ଗୋଟିଏ ରାଜ୍ୟର କ୍ଷମତା ହରାଇଛି। ବିଜେପି ଏବଂ ଆଂଚଳିକ ଦଳଗୁଡିକ ନିକଟରେ କଂଗ୍ରେସର ପରାଜୟ ହୋଇଛି। କଂଗ୍ରେସ ପୁଣି ପୁନରୁଦ୍ଧାର ହୋଇପାରିବ କି ନାହିଁ, ସେ ନେଇ ଆଜାଦ୍ ଯେଉଁ ସନ୍ଦେହ ପ୍ରକଟ କରିଛନ୍ତି, ତାହା ମଧ୍ୟ ଅଯଥାର୍ଥ ନୁହେଁ ବୋଲି କୁହାଯାଇପାରେ। ଏହା ସ୍ପଷ୍ଟ ଯେ, ଆଜାଦଙ୍କ ପତ୍ର ପ୍ରତି କଂଗ୍ରେସ ଯଦି ଧ୍ୟାନ ନଦିଏ, ତେବେ ଦଳ ପାଇଁ ଘୋର ବିପର୍ଯ୍ୟୟର କାରଣ ହେବ। ଦଳର ନେତୃତ୍ୱ ଏବଂ ନେତାମାନେ ସତ୍ୟ ପ୍ରତି ଧ୍ୟାନ ଦେବା ଜରୁରୀ ଏବଂ ଏହାକୁ ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ କରିବା ଉଚିତ। ଯଦି କଂଗ୍ରେସ ନିଜକୁ ପୁନର୍ଜୀବିତ କରିବାକୁ ଚାହେଁ, ତେବେ ବିଳମ୍ବ ହେବା ପୂର୍ବରୁ ପଦକ୍ଷେପ ନେବା ଜରୁରୀ। ଏହା ସତ୍ୟ ଯେ, କଂଗ୍ରେସର ପୁନରୁଦ୍ଧାର ପାଇଁ ଗାନ୍ଧୀ ନେହେରୁ ପରିବାର ନିଜର ଭୂମିକାରୁ ଓହରି ଯିବା ଉଚିତ। ଆସନ୍ତା ସେପ୍ଟେମ୍ବରରେ ଦଳର ସଭାପତି ନିର୍ବାଚନ ହେବାକୁ ଯାଉଥିବା ବେଳେ ଗାନ୍ଧୀ ନେହେରୁ ପରିବାର ଏଥିପ୍ରତି ଧ୍ୟାନ ଦେବେ ବୋଲି ଆଶା କରିବା।

## ବିଦ୍ୟୁତ ଯନ୍ତ୍ରୀ ମହାସଂଘର ସାଧାରଣ ବୈଠକ

ଫୁଲନଖରା (ପିଏନ୍)-ଓଡ଼ିଶା ବିଦ୍ୟୁତ ଯନ୍ତ୍ରୀ ମହାସଂଘ ପକ୍ଷରୁ ଏହାର ବାର୍ଷିକ ସାଧାରଣ ବୈଠକ ପାହାଳସ୍ଥିତ ହୋଟେଲ ପାଲ ହାଇଟ୍ସ ମନ୍ତ୍ରା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମସି ମେୟର ତଥା ମହାସଂଘ ସଭାପତି ସୁବାସ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯନ୍ତ୍ରୀମାନଙ୍କ ବିଭିନ୍ନ ନ୍ୟାଯ୍ୟ ଦାବି ସମ୍ପର୍କରେ ଅବଗତ



ହେବା ସହିତ ଏହାର ଦୂରୀକରଣ ଦିଗରେ ସମ୍ମିଳିତ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। କୋଭିଡ଼ରେ ମୃତ୍ୟୁବରଣ କରିଥିବା ବିଦ୍ୟୁତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ଚାକିରି ଦେବା, ଯନ୍ତ୍ରୀମାନଙ୍କ ପଦୋନ୍ନତି, ଅତିରିକ୍ତ ସମୟ କାର୍ଯ୍ୟ ପାଇଁ ଦେୟ ପ୍ରଦାନ, ଖାଲି ପଡ଼ିଥିବା ପଦବୀ ତୁରନ୍ତ ପୂରଣ କରିବା ଆଦି ଏକାଧିକ ଦାବି ସମ୍ପର୍କରେ ବୈଠକରେ ଆଲୋଚନା ହେବା ସହିତ ଏହାକୁ କାର୍ଯ୍ୟକାରୀ କରିବା ସକାଶେ ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଇଂ. ପ୍ରଶାନ୍ତ କୁମାର ପ୍ରଧାନ, ଇଂ. ଦେବାଶିଷ ମହାପାତ୍ର, ଇଂ. ବିଭୁପ୍ରସାଦ ଦାଶ, ଟାଟା ପାୱାରର ସିଜିଏମ ଇଂ. ଦୀପଙ୍କର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଫୁଲନଖରା ବିଦ୍ୟୁତ ବିଭାଗ ଯନ୍ତ୍ରୀ ଇଂ. ନଳିନୀକାନ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଇଂ.ପ୍ରମୋଦକୁମାର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



କେନ୍ଦ୍ରାପଡା (ପିଏନ୍): ତମାଖୁ ନିରୋଧ ଆଇନ କାର୍ଯ୍ୟକାରୀ ଦ୍ୱାରା ତମାଖୁ ସେବନ ହଟାଇବା ୨୦ ପ୍ରତିଶତ ସଫଳ ହୋଇଥାଏ । କିନ୍ତୁ ତମାଖୁ ବର୍ଜନ ସଚେତନତା ଜରିଆରେ ୮୦ ପ୍ରତିଶତ ସଫଳତା ମିଳିଥାଏ । ତେଣୁ ସଚେତନତା ହିଁ ତମାଖୁ ବ୍ୟବହାରକୁ ଦୁରେଇବାରେ ଅମୋଘ ଅସ୍ତ୍ର । ପ୍ରତି ସେକେଣ୍ଡରେ ଜଣେ କ୍ୟାନ୍ସରରେ ଆକ୍ରାନ୍ତ ହେଉଛନ୍ତି । ତମାଖୁରେ ରହିଛି ୪ହଜାରରୁ ଅଧିକ ପ୍ରକାରର ରାସାୟନିକ ପଦାର୍ଥ । ଏହାର ସେବନ ଦ୍ୱାରା ମୁହଁ, ଜିଭ, ଗାଲ, ସ୍ୱରଜନ୍ତ୍ର ଭଳି ଅଙ୍ଗ ଗୁଡିକ ନଷ୍ଟ ହୁଏ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ଆୟୋଜିତ ଏକ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ଦିବସ ପାଳନ ଉପଲକ୍ଷେ ଏବର୍ଷର ବିଷୟ ବସ୍ତୁ ଥିଲା- "ଟୁ କ୍ରିଏଟ୍ ଆୱାରନେସ୍ ଆମଙ୍ଗ ଦ ପିପୁଲ ଇନ ଆୱାର ସୋସାଇଟି ଟୁ ଆଭଏଡ୍ ଟବାକୋ ଆଣ୍ଡ ଚୟସ୍ ଦ ଲାଇଫ୍" । ସଭାରେ ପୋଲିସ ବିଭାଗ କୋଟପ୍ସା ଆଇନକୁ କଡାକଡି ଲାଗୁ କରିବା କଥା, ସର୍ବ ସାଧାରଣ ସ୍ଥାନ ଓ ସମସ୍ତ ସରକାରୀ କାର୍ଯ୍ୟାଳୟରେ ପାନ, ଗୁଟୁଖା ତମାଖୁ ସେବନ ନିଷେଧ ପାଇଁ ବିଜ୍ଞପ୍ତି ତଥା ନିର୍ଦ୍ଦେଶନାମା ଜାରୀ କରିବା ବିଷୟରେ ଆଲୋଚନା କରାଯାଇଥିଲା । ନିଶା ସେବନ କଲେ ତାହାର ନିକୋଟିନ, ଟକ୍ସିନ ଫୁସଫୁସ ପ୍ରଭୃତିର କ୍ଷତି ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଆଲୋକପାତ କରିଥିଲେ । ତମାଖୁ ସେବନ କଲେ ମୁଖ ଗହ୍ୱର କର୍କଟ ପ୍ରଭୃତି ମାରାତ୍ମକ ରୋଗରେ ପିଡିତ ହୋଇ ତମାଖୁ ସେବନକାରୀର ମୃତ୍ୟୁ ଘଟିଥାଏ ବୋଲି ସେ କହିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦ୍ରମଣୀ ବେହେରା ଯୋଗଦେଇ ତମାଖୁ ବର୍ଜନ ସମ୍ପର୍କିତ ବିଭିନ୍ନ ଆଇନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ(ପରିବାର କଲ୍ୟାଣ) ଡା. ସଚ୍ଚିଦାନନ୍ଦ ମିଶ୍ର , ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମିର୍ଜା ବାବର ବେଗ୍, ଡା. ପିକେ ଦାସ, ଡା. ପି.ଏମ୍. ଗୀତାଞ୍ଜଳୀ ଦାସ, ତୁଳସୀ ମହିଳା ମହାବିଦ୍ୟାଳୟର ଡିପିଓ ଡଃ. ପଦ୍ମଜା କବି ଶତପଥୀ, ସମସ୍ତ ନର୍ସଛାତ୍ରୀ, ଡାକ୍ତରଖାନାର କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର ୯ଜଣ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଉପସ୍ଥିତ ସମସ୍ତ ସଦସ୍ୟ ତମାଖୁ ବର୍ଜନ କରିବା ପାଇଁ ସପଥ ପାଠ କରିଥିଲେ। ଶେଷରେ ଡି.ପି.ଏଚ୍.ସି.ଓ. ଶାନ୍ତିଲତା ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାତାଳୀ ମହୋତ୍ସବ ଉଦ୍‌ଯାପିତ

ସୁବର୍ଣ୍ଣପୁର,(ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ପ୍ରସିଦ୍ଧ ପୀଠ ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇ ଠାରେ ଚାଲିଥିବା ପାତାଳୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ସନ୍ଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଧାୟକ ସଞ୍ଜୀବ ସାହୁ, ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ସୁବର୍ଣ୍ଣପୁର ଜିଲ୍ଲା ବିଜେପି ସଭାପତି ପ୍ରମୋଦ ମହାପାତ୍ର, ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ରାଧାକାନ୍ତ ମହାକୁର ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ରଖିଥିଲେ ଓ ପାତାଳୀ ଶ୍ରୀକ୍ଷେତ୍ରର ଏକ ଅନଲାଇନ ୱେବସାଇଟ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି କ୍ଷ ମାନ୍ୟବର ମନ୍ତ୍ରୀ ଆୟୋଜକ ବନ୍ଧୁଙ୍କୁ ପ୍ରଶଂସା କରିବା ସହ ଓଡ଼ିଆ ଙ୍କ ଅସ୍ମିତା ଜଗନ୍ନାଥ ସଂସ୍କୃତି ସୁରକ୍ଷା କରିବା ସହ ପୀଠର ବିକାଶ ପାଇଁ ସଦାସର୍ବଦା ଚେଷ୍ଟା କରିବି ଓ ଓଡ଼ିଶା ସରକାର ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଦାବୀ ରଖିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଏହି ମାସ ଠାରୁ ପାତାଳୀରେ ମହାପ୍ରଭୁଙ୍କ ଭବ୍ୟମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ଶ୍ରୀ ଜଗଦଲା କହିଛନ୍ତି । ଏହି ଅବସରରେ ସପ୍ତମ ଦିନ ତଥା ଅନ୍ତିମ ସନ୍ଧ୍ୟାରେ ସଂଜ୍ୟୋତ କଳା କେନ୍ଦ୍ର, ବଲାଙ୍ଗିର ର ନିର୍ଦ୍ଦେଶିକା ତଥା ନାଟ୍ୟଗୁରୁ ଶ୍ରୀମତୀ ସଂଗୀତା ଦାସ ଙ୍କ ଗ୍ରୁପ୍ ଲୋକ ସଙ୍ଗୀତ ଏବଂ ଲୋକ ନୃତ୍ୟ ପରିବେଷଣ କରିଥିଲେ ଯାହାକି ହଜାର ହଜାର ଦର୍ଶକ ଙ୍କ ମନକୁ ବେଶ ଛୁଇଁଥିଲା । ପରେ ପରେ ଓଡିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପୁରୀ ମହ୍ଲାର ଭଜନ ଗ୍ରୁପ୍ ଦ୍ୱାରା ଜଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥି ସହିତ ଦଣ୍ଡ ନୃତ୍ୟ କାର୍ଯ୍ୟକ୍ରମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୌଦ୍ଧିକ ମଣ୍ଡପରେ ପାତାଳୀ ସେନା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୩୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ପାତାଳୀ ଶ୍ରୀକ୍ଷେତ୍ର ର ଆଧ୍ୟାତ୍ମିକ ପରିବେଶ ବହୁ ଲୋକ ଙ୍କୁ ଆକର୍ଷିତ କରି ଓଡ଼ିଶା ବାହାରୁ ବହୁ ପର୍ଯ୍ୟଟକ ଙ୍କ ଆଗମନ ହୋଇଥିଲା । ଭାଗବତ ସପ୍ତାହ ପାରାୟଣ ମଧ୍ୟ ଶେଷ ହେବା ସହ ପାତାଳୀ ମହୋତ୍ସବ ଉଦ୍‌ଯାପିତ ହୋଇଛି।

## ଲଣ୍ଡା ହେଲେ ଅଭିନେତା ଚନ୍ଦନ କର



ଭୁବନେଶ୍ୱର (ପିଏନ୍): ବର୍ତ୍ତମାନ ସମୟରେ ଓଡ଼ିଆ ଚଳଚ୍ଚିତ୍ର ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି ଓ ଅନେକ ସିନେମା ହଲ୍‌ଗୁଡ଼ିକ ବନ୍ଦ ହେବାକୁ ବସିଲାଣି। ଚଳଚ୍ଚିତ୍ର ଜଗତକୁ ପୂର୍ବଭଳି ଉଜ୍ଜୀବିତ କରିବାକୁ ଅଣ୍ଟା ଭିଡ଼ିଛନ୍ତି ଚନ୍ଦନ କର। ଚିରାଚରିତ ଲଭ୍, ରୋମାନ୍ସ୍ ଭଳି ସିନେମାଠାରୁ ଦୂରେଇ ଓଡ଼ିଶାର ସଂସ୍କୃତି ଓ ଇତିହାସକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଉଦ୍ୟମ କରୁଛନ୍ତି ଅଭିନେତା ଚନ୍ଦନ। କିଛିଦିନ ପୂର୍ବରୁ ଓଡ଼ିଶାର ପ୍ରଥମ ଶହୀଦ ଜୟୀରାଜଗୁରୁଙ୍କ ଜୀବନ କାହାଣୀକୁ ନେଇ 'ମହର୍ଷି' ଶୀର୍ଷକ ଏକ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି, ଯାହା ମୁକ୍ତିଲାଭ ଅପେକ୍ଷାରେ ଅଛି ଓ ଏବେ ଓଡ଼ିଶା ଚଳଚ୍ଚିତ୍ର ଜଗତରେ ଏକ ଇତିହାସ ସୃଷ୍ଟି କଲାଭଳି ଚଳଚ୍ଚିତ୍ର କଳାପାହାଡ଼ ନିର୍ମାଣ କରିବାକୁ ଯାଉଛନ୍ତି। ଏହି ଚଳଚ୍ଚିତ୍ରରେ ନିଜର ଚରିତ୍ରକୁ ଜୀବନ୍ତ କରିବାକୁ ଯାଇ ଅଭିନେତା ଚନ୍ଦନଙ୍କୁ ଲଣ୍ଡା ହେବା ସହ ଦାଢ଼ିକୁ ବଢ଼ାଇବା ପାଇଁ ପଡ଼ିଛି। ଏହି ଚଳଚ୍ଚିତ୍ରଟି ଏସ୍‌ଡିଡି ଏଣ୍ଟରଟେନ୍‌ମେଣ୍ଟ୍ ଦ୍ୱାରା ନିର୍ମିତ ହେବାକୁ ଯାଉଥିବା ଦ୍ୱିତୀୟ ଚଳଚ୍ଚିତ୍ର। ଏହି ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତ୍ରୀ ସ୍ନିଗ୍ଧା ମହାନ୍ତି, ଜୀବନ ପଣ୍ଡା, ପ୍ରତିଭା ପଣ୍ଡା, ଦେବୀ ବାରିକ, ଅଭିନବ ସିଂ, ଶ୍ରୀକୁମାର ଜେନା, ପ୍ରଶାନ୍ତ ନାୟକ, ମନୋଜ ମହାପାତ୍ର, ରଞ୍ଜନ ପ୍ରମୁଖଙ୍କ ସହ ଛତିଶଗଡ଼ର ଜଣାଶୁଣା ଅଭିନେ। ଅଜୟ ପାଟିଲ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି ବି. ଶ୍ରୀବତ୍ସ, ପ୍ରଯୋଜକ ଓ ଚିତ୍ର ଉତ୍ତୋଳନ ଭାର ସମ୍ଭାଳିଛନ୍ତି ପ୍ରଦୀପ କୁମାର, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ମଳୟ ମିଶ୍ର, ଗୀତିକାର ଓ ସଂଳାପ ରଚନା କରିଛନ୍ତି ଡଃ ନିର୍ମଳ ନାୟକ, କ୍ରିଏଟିଭ୍ ଡାଇରେକ୍ଟର ଭାବେ ଦେବାଶିଷ ଜେନା ଦାୟିତ୍ୱ ନେଇଛନ୍ତି।

## ପାଇକ ଆଖଡ଼ା ଦଳର ପୁନର୍ବିନ୍ୟାସ ଦାବି

ଖୋର୍ଦ୍ଧା (ପିଏନ୍)- ବରୁଣେଇରେ ପାଇକ ସ୍ମାରକୀ ପାଇଁ କାହିଁକି ବିଳମ୍ବ ହେଉଛି, ସେଥିନେଇ ସର୍ବଭାରତୀୟ କ୍ଷତ୍ରିୟ ସଂଗଠନର କର୍ମକର୍ତାମାନେ ବରୁଣେଇ ସ୍ମାରକୀ ସ୍ଥଳ ପରିଦର୍ଶନ କରିଛନ୍ତି। ସ୍ମାରକୀ ପାଇଁ ତୁରନ୍ତ ଜମି ପ୍ରଦାନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ସହ ରାଜ୍ୟର ବିଭିନ୍ନ ପାଇକ ଆଖଡ଼ା ଦଳର ପୁନର୍ବିନ୍ୟାସ ପାଇଁ ସଂଗଠନର ନେତା ଶଙ୍କର ପାଟ୍ଟିଦାର, ରତନଲାଲ ପଟ୍ଟିଦାର ଓ ଜଗଦୀଶ ପଟ୍ଟିଦାର ଦାବି କରିଛନ୍ତି। ପଂଚପାଇକ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଂଜଳି ଅର୍ପଣ କରିବା ସହ ଖୋର୍ଦ୍ଧା ଓ ଆଖପାଖ ଅଂଚଳରେ ଥିବା ପାଇକ ବିଦ୍ରୋହ ସମ୍ପର୍କିତ ବିଭିନ୍ନ ଐତିହ୍ୟ ସ୍ମାରକୀ ସ୍ଥଳ ପରିଦର୍ଶନ କରିଛନ୍ତି। କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ସଂଗଠନର କାର୍ଯ୍ୟାଳୟରେ ଏ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବାର ଜଣାପଡ଼ିଛି। ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଖ୍ୟାତନାମା ସାହିତ୍ୟିକା ଡ. ଶକୁନ୍ତଳା ବଳିଆରସିଂହ, ଇଂ. ଶିଶିର କୁମାର ନାୟକ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଅମରେନ୍ଦ୍ର ମହାପାତ୍ର, ପ୍ରଦୀପ କୁମାର ବିଶ୍ୱାଳ, ସୁଷମା ପ୍ରଧାନ ଓ ଶ୍ରୀବତ୍ସ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପାଇକମାନଙ୍କୁ କ୍ରୀଡ଼ା ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ ସହ କଳିଙ୍ଗ ରେଜିମେଂଟ ଗଠନ ନେଇ ଆଲୋଚନା ହୋଇଥିଲା। ଓଡ଼ିଶାରେ ମାଳ ମାଳ ନଦୀ ନାଳ ଥାଇ ବନ୍ଧ ବାଡ଼ ନିର୍ମାଣ ହେଉ ନଥିବାରୁ କୃଷକମାନଙ୍କର ଆର୍ଥିକ ଦୁରାବସ୍ଥା ଘଟୁଥିବା ସମ୍ପର୍କରେ କେନ୍ଦ୍ରୀୟ କ୍ଷତ୍ରିୟ ସଂଗଠନର ପ୍ରତିନିଧିମାନେ କ୍ଷୋଭପ୍ରକାଶ କରିଥିଲେ।

## ହିନ୍ଦୀକୁ ଲଦିଦେବା ପ୍ରସଙ୍ଗ ଉପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସାକ୍ଷାତ କଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ନିକଟରେ ୩୭ତମ ସଂସଦୀୟ ଭାଷା କମିଟି ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅଣହିନ୍ଦୀ ଭାଷାଭାଷୀ ରାଜ୍ୟରେ ହିନ୍ଦୀକୁ ଲଦିଦେବା ପ୍ରସଙ୍ଗ ଉପରେ ଦେଇଥିବା ବକ୍ତବ୍ୟକୁ ବିରୋଧ କରି ଓଡିଶାର ରାଜ୍ୟପାଳଙ୍କ ଜରିଆରେ ମହାମହିମ ଭାରତର ରାଷ୍ଟ୍ରପତିଙ୍କ ନିକଟକୁ ଦାବିପତ୍ର ପଠାଇଛି ଉତ୍କଳ ସମ୍ମିଳନୀ। ଏହି ସଂକ୍ରାନ୍ତରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳ ଶ୍ରୀଯୁକ୍ତ ଗଣେଶୀ ଲାଲଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହିତ ଏହି ପତ୍ର ପ୍ରଦାନ କରିଥିଲେ । ଉତ୍କଳ ସମ୍ମିଳନୀର ଏହି ପ୍ରତିନିଧିମଣ୍ଡଳୀରେ ଶ୍ରୀ ଦାଶଶର୍ମାଙ୍କ ସହିତ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଓ ସଦସ୍ୟ ଅକ୍ଷୟ କୁମାର ଜେଠୀ ରାଜ୍ୟପାଳଙ୍କୁ ସାକ୍ଷାତକରି ଆଲୋଚନାରେ ଭାଗ ନେଇଥିଲେ । ରାଜ୍ୟପାଳଙ୍କୁ ଉତ୍କଳ ସମ୍ମିଳନୀ ଫଳକ ସହିତ ଉତ୍କଳ ପ୍ରଭାତ ବହି ଓ ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ପ୍ରଦାନ କରାଯାଇଥିଲା ।




# ଗୋଟିଏ ସ୍ଖଳିତ ଚରିତ୍ରର ଚିତ୍ର


ସୁଦର୍ଶନ ମହାପାତ୍ର

ସକାଳୁ ସକାଳୁ ସନା ଭାରୁଆର ମର୍ଡର ଖବର ଶୁଣି ମୁଁ ହତବମ୍ଭ ହୋଇଗଲି।

ଘରକାମ ପାଇଁ ଶିକା ଭାରରେ ବାଲି କିମ୍ବା ଗୋଡ଼ି ବୋହି ଯୋଗାଇବା ହେଲା ତା'ର କାମ।ସରୁ ଗଳି ଭିତରକୁ ଟ୍ରାକ୍ଟର ଯାଇ ପାରୁନଥିବା ବେଳେ ସନା ଭାରୁଆକୁ ଖୋଜନ୍ତି ଲୋକ।ଯଦିବା ଟ୍ରାକ୍ଟର ନେଇ ଘର ତୋଳିବା ଜାଗାରେ ବାଲି ଢାଳିଲା ଘରର ମୂଳଦୁଆ ପର୍ଯ୍ୟନ୍ତ ବାଲି ପ୍ୟାକ କରିବା ତା'ର କାମ। ସେଇ ଭଳି ଗୋଟିଏ ଲୋକର କିଏ ଶତ୍ରୁ ଥାଇପାରେ!

ଆଜକୁ ଆଠ ବର୍ଷ ତଳେ ମୋ ଘର ତିଆରି କାମ ଆରମ୍ଭ ସମୟରେ ତା ସହିତ ମୋର ଚିହ୍ନା ହୋଇଥିଲା ।

ଖାଲି ଚିହ୍ନା କହିଲେ ଭୁଲ୍ ହେବ। ତା ସହିତ ମୋର ପ୍ରାୟ ଅନ୍ତରଙ୍ଗତା ବଢ଼ିଯାଇଥିଲା।କାରଣ ବି ଅଛି ଏଇ ସୁସମ୍ପର୍କର। ପ୍ରଥମତଃ ସନା ମିଷ୍ଟଭାଷୀ ପୁଣି ଆମ ପାଖ ଗାଁର ଲୋକ। ସେ କାମ କରୁଥିବା ଭିତରେ ଚାଷବାସ, ତା ପିଲାଛୁଆଙ୍କ ବିଷୟରେ କଥା ହୁଏ।

ଆସିଲା କରୋନା। ମହାମାରୀର ଉପଦ୍ରବରେ ସମସ୍ତେ ବେହାଲ। ସରକାରୀ ନିୟମ କଡାକଡି ପାଳନ କରିବାକୁ ପଡୁଥିଲା। କର୍ଫ୍ୟୁ ଜାରି ଥିଲା। ରାସ୍ତାଘାଟରେ ଖୋଲା ମେଲା ବୁଲିବା ଉପରେ କଟକଣା ଥିଲା। ଗାଡି ଚଳାଚଳ ବନ୍ଦ ଥିଲା।

କର୍ଫ୍ୟୁ କୋହଳ ସମୟରେ ଘରେ ଦରକାର ମୁତାବକ ରେସନ ବା ପନିପରିବା ଆଣି ରଖିବାକୁ ପଡୁଥିଲା। ଦିନେ ରାସ୍ତାକୁ ବାହାରି ଦେଖିଲି ସନା କାନ୍ଧରେ ଅଛି ତା'ର ଭାର।ତା ନାକରେ ଗାମୁଛା ଗୁଡା ଅବସ୍ଥାରେ ବି ତାକୁ ଚିହ୍ନିଦେଲି।ଆଶ୍ଚର୍ଯ୍ୟ ହେଲି।ଘର କାମ ତ ବନ୍ଦ। ମୂଲିଆ ମଜୁରିଆ ମିସ୍ତ୍ରୀ ସବୁ ନିଜ ନିଜ ଜାଗାରେ ବନ୍ଦୀ ! ସନା ପୁଣି କରୁଛି କ'ଣ? ପାଖକୁ ଯାଇ ଦେଖିଲି ତା ଶିକା ଭାରରେ ପନିପରିବା ଧରି ବିକିବା ପାଇଁ ବାହାରିଛି।

ସତରେ ସେଇ ସମୟ ଛଡ଼ାଇ ନେଇଥିଲା ବହୁ ଲୋକଙ୍କ ଜୀବିକା କିମ୍ବା ବଦଳାଇ ଦେଇଥିଲା ଜୀବିକାର୍ଜନର ମାଧ୍ୟମ।ସନା ଯେ ଏଇ ଦୁଃସ୍ଥିତି ରୁ ମୁକୁଳିବାକୁ ପରିବା ବିକିବା ଆରମ୍ଭ କରିଛି ଜାଣି ବିସ୍ମିତ ହେଲି ନାହିଁ।

ପ୍ରାୟ ତିନି ଚାରି ଦିନ ପରେ ରାସ୍ତା ପାର୍ଶ୍ୱରେ ସନା ପରିବା ବିପଣି ଖୋଲିଥିବାର ଦେଖିଲି। ସେଦିନ କିନ୍ତୁ ବିସ୍ମିତ ହେଲି ତା ପାଖରେ ବସିଥିବା ସ୍ତ୍ରୀ ଲୋକଟିକୁ ଦେଖି। ମୋତେ ଦେଖି ସନା ଓଠରେ ଫୁଟି ଉଠିଲା ହସର ଝଲକ।ସନା ମୋତେ ପରିବା ଓଜନ କରିଦେଲା ଆଉ ମୋ ଠାରୁ ଟଙ୍କା ରଖିବାକୁ ହାତ ବଢେଇଲା ସେଇ ସ୍ତ୍ରୀ ଲୋକଟି। ମୁହଁରେ ଢାଙ୍କି ଥିଲା ଲୁଗା।ମନରେ ଆସୁଥିବା ପ୍ରଶ୍ନ କୁ ଚାପିରଖି ଫେରିଲି ସେଦିନ।

-' ବାବୁ, ପରିବା କିଣି ଯାଉଛ କି ? ଆମ ପାଖରୁ ନବ।' ଦିନେ ରାସ୍ତାରେ ଦେଖାହେଲା ତ ବାଟ ଓଗାଳି କହିଲା ସନା।

-' ଏ ସମୟରେ ତୁମ ଘରଣୀ କେମିତି ଗାଆଁ ରୁ ଆସିଲେ?' ମୁଁ ପଚାରିଦେଲି କୌତୁହଳ ବଶତଃ।

-' ନା ନା ସେ ଗାଁ ରେ ଅଛି। ସେ ଏଠିକୁ କହିଲେ ବି ଆସେନା। ଗାଆଁରେ ଜମିବାଡ଼ି କଥା ସେ ତା'ର ବୁଝେ। ୟା କୁ ଏଇ ଗଲା ସପ୍ତାହରେ ବାହା ହୋଇ ଆଣି ଘରେ ରଖିଛି।'

-' ଆରେ, ତୁମ ସ୍ତ୍ରୀ ଏକଥା ଜାଣେ? ସେ ଜାଣିଲେ ତୁମ ମୁଣ୍ଡ ଫଟେଇଦେବ।'

-' ନା ନା, ତାକୁ ସବୁ କଥା କହିଛି। ସେ କହିଲା ତମେ ଯାହା କରୁଚ କର। ଘରକୁ ଯିମିତି ପଇସା ପଠେଇବା ବନ୍ଦ ନହୁଏ।' ଖେଁ ଖେଁ ହୋଇ ହସିଲା ସନା ।

-' କୋଉଠୁ ମିଳିଲା ଇଏ ?' ପଚାରିଲି ମଜା କଲା ଭଳି।

-' ବିଚାରୀ ଏକୁଟିଆ ରହୁଥିଲା।ତା' ମରଦ ବର୍ଷେ? ଦେଢ଼ ବର୍ଷ ହେବ କୁଆଡେ ଯାଇଛି ଯେ ଆଉ ଆସିନି। ଝିଅଟିଏ ଅଛି। ସେ ଏଇ ଅସମୟରେ ହଇରାଣ ହେଉଥିଲା। ମୋ ଆଗରେ ତା ଦୁଃଖ କଥା ସବୁ କହିଲା। କ'ଣ କରିଥାନ୍ତି ଆଉ ? ଏମିତି ତ କରୋନା ପାଇଁ ଘରକୁ ଯିବା ଆସିବା ବନ୍ଦ। ତା ମୁଣ୍ଡରେ ସିନ୍ଦୂର ଦେଇ ଆଣି ପାଖରେ ରଖିଲି।ତା ଝିଅକୁ କୋଉଠି ଦେଖି ମୁଁ ବାହା କରିବି ବୋଲି ତାକୁ କଥା ଦେଇଛି।'

ସନା କୁ ନିହାତି ପଚାଶ ପାଖାପାଖି ହେବ।ତା ଝିଅକୁ ବାହା କରି ନାତି ଦେଖି ସାରିଲାଣି।ଏ ବୟସରେ..! ବେଖାପ ଲାଗିଲା । ମନରେ ଯେମିତି ବିଷ ଚିରିଗଲା।ତା ପରଠୁ ସନା ସହିତ ଆଉ କଥା ହେବାକୁ ଭଲ ଲାଗିଲାନି।ତା ପରଠୁ ସନାକୁ ଦେଖେ ତା ପଛ ସ୍ତ୍ରୀ ସହିତ ସେଇ ପରିବା ଦୋକାନରେ। ଦେଖିଛି ବି ସନା କୁ ଛତ୍ର ବଜାରରୁ ପରିବା ବୋହିବାର।

ଦିନେ ଦେଖିଲି ସେଇ ପରିବା ଦୋକାନରେ ବସିଛି ଦଶ ବାର ବର୍ଷର ପିଲାଟିଏ ଏବଂ ଆଉ ଗୋଟିଏ ସ୍ତ୍ରୀଲୋକ।ସନାର ସାଦୃଶ୍ୟରୁ ଚିହ୍ନଟ କଲି ତା ପୁଅକୁ ଏବଂ ତା ପାଖରେ ତା ମା ନିଶ୍ଚୟ ହୋଇଥିବ ବୋଲି ଭାବିନେଲି। ସେମାନେ ଗାଡି ଚଳାଚଳ ଆରମ୍ଭ ହୋଇଥିବାରୁ ଗାଁ ରୁ ଆସିଛନ୍ତି ବୋଲି ମନେକଲି। ହେଲେ ସନା ର ପଛ ସ୍ତ୍ରୀ ସେଠି ନଥିଲା।ସନା ମୁହଁ ଓହଳେଇ ବସିଥିଲା। ଭାବି ନେଲି ନିଶ୍ଚୟ କିଛି ଗଣ୍ଡଗୋଳ ହୋଇଛି।ସନା କୁ ପାନେ ହୋଇଛି ବୋଲି ଭାବି ମନେ ମନେ ଖୁସି ହେଲି।

ଦୁଇ ଦିନ ପରେ ସେଇଠି ଦେଖିଲି ନୂଆ ଏକ ଦୃଶ୍ୟ।ପରିବା ଦୋକାନ ଠାରୁ ଦଶ ବାର ମିଟର ଛାଡି ସନାର ପଛ ସ୍ତ୍ରୀ ଖୋଲି ଥିଲା ଚା' ଆଉ ପାନ ଗୁଟଖା ର ଦୋକାନ।ପାନ ଖିଲେ ପାଟିରେ ରଖି ସେ ହସି ହସି କଥା ହେଉଥିଲା କାହା ସହିତ। ମଥାରେ ତା'ର ବଡ଼ କରି ସିନ୍ଦୂର ଟୋପା ।ସନା ସେଇଠି ଥିଲା।

ପରିବା ଦୋକାନରେ ଏକା ବସିଥିଲା ସନା ର ପୁଅ।ତା ମୁହଁ ଅସମ୍ଭବ ଭାବରେ ଶୁଖିଲା ଦିଶୁଥିଲା।

-' ଆମ ଗାଆଁ ସେଇ ପଟରେ। ମାନେ ପତ୍ରପୁର..! ତୁ ପତ୍ରପୁର ଗାଁ ନାଁ ଶୁଣିଛୁ? ' ଆଳୁ,ପିଆଜ ଆଦି ତା ପାଖରୁ କିଣି ଫେରିଲା ବେଳକୁ ପଚାରିଲି ତ ,ମୋ କଥା ଶୁଣି ତା ମୁହଁ ଯେମିତି ଉଜ୍ଜଳି ଉଠିଲା ଆଉ ମୁଣ୍ଡ ହଲେଇ ହଁ ବୋଲି କହିଲା। ' ମାଆ କୁଆଡେ ଗଲେ? ଦିଶୁ ନାହାନ୍ତି ' ପଚାରିଲି ତ ତା ମା ଆଜି ସକାଳୁ ଗାଁ କୁ ପଳେଇଗଲେ ବୋଲି କହିଲା।

ପ୍ରାୟ ଚାରି ପାଞ୍ଚ ଦିନ ପରେ ସେଇପଟେ ଯାଉଥିଲି ତ କୌତୁହଳ ବଶତଃ ନଜର ଚାଲିଗଲା ସନା ଦୋକାନ ଆଡକୁ। ଏଥର ଦୃଶ୍ୟ ହେଲା ନୂଆ ଏକ ଚିତ୍ର। ପରିବା ଦୋକାନ ପାଖକୁ ଲାଗିକରି ପଡ଼ିଛି ଚା' ଦୋକାନର ଟେବୁଲ୍।ସନା ର ପୁଅ ଆଉ ତା ପଛ ସ୍ତ୍ରୀ କଥାବାର୍ତ୍ତା ହେଉଥିଲେ।ଆଉ ପଛ ସ୍ତ୍ରୀ ର ଝିଅ ଷ୍ଟୋଭ୍ ଜାଳି ରୋଷେଇ କରୁଥିଲା। ଝିଅଟି ହୃଷ୍ଟପୁଷ୍ଟ ଠିକ୍ ତା ମାଆ ଭଳି।ଦେହର ରଙ୍ଗ ଶ୍ୟାମଳ।ବୟସ ହେବ ପାଖାପାଖି ପନ୍ଦର ଷୋହଳ । ଲିପ୍ ଷ୍ଟିକ୍ ବୋଳା ତା ଓଠରେ ଯେମିତି ଲାଖିଥିଲା ହସର ଝଲକ।

ଆଉ ତିନି ଚାରି ମାସ ପର୍ଯ୍ୟନ୍ତ ସନା ସଂସାରର ଚିତ୍ରର କୌଣସି ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଥିବାର ମୋର ଦୃଷ୍ଟିରେ ପଡ଼ିନଥିଲା। ଇତି ମଧ୍ୟରେ କରୋନା ପରବର୍ତ୍ତୀ ଜୀବନର ଚର୍ଯ୍ୟା ଆରମ୍ଭ ହୋଇ ଯାଇଥିଲା।

କେତେ ଦିନ ଧରି ସନାର ପୁଅ ଦେଖା ହୋଇ ନଥିଲା ତ ଭାବିଲି ସେ ଗାଁ କୁ ଫେରି ଯାଇଛି।ସନା ଆଉ ତା'ର ସ୍ତ୍ରୀ ଦେଖା ଯାଉଥିଲେ ଦୋକାନରେ। ହେଲେ ପରିବା ଦୋକାନ ବନ୍ଦ ହୋଇ କେବଳ ଚା' ପାନ ଦୋକାନ ଚାଲିଥିଲା। ଅବଶ୍ୟ ସରକାରୀ ଜାଗାରେ ଠିଆ ସେଇ ଦୋକାନକୁ ରାସ୍ତା ଦୋହରୀକରଣ ପାଇଁ ବାରମ୍ବାର ସ୍ଥାନାନ୍ତର କରିବାକୁ ପଡୁଥିଲା।

ସନାର ପୁରୁଣା କାମ ଅର୍ଥାତ୍ ଭାରରେ ବାଲି ଗୋଡ଼ି ବୁହା କାମ ବି ଆରମ୍ଭ ହୋଇ ଯାଇଥିଲା। ହେଲେ ତା ସହିତ ଆଉ ମୁଁ କଥା ହେଉନଥିଲି ଆଗଭଳି। ପ୍ରକୃତରେ ତା' ଚରିତ୍ର ଉପରେ ମୋର ବିରକ୍ତି ଭାବ ଆସିଯାଇଥିଲା ।

ଏଇ ଗତକାଲିର ଘଟଣା ଶୁଣି ମୁଁ ପୁଣି ସନା ମନସ୍କ ହୋଇ ପଡିଲି। ସନାକୁ ତା'ର ପଛ ସ୍ତ୍ରୀ ପନିକିରେ ହାଣି ମାରିଦେଇଛି ଶୁଣି ପ୍ରଥମେ ମୁଁ ବିଶ୍ୱାସ କରି ପାରିଲି ନାହିଁ।

ଖବର ନେଇ ଜାଣିଲି ସ୍ତ୍ରୀ ଲୋକଟି ଦୋକାନରେ ଥିଲା ବେଳେ, ସନା ତା ଝିଅ ସହ ଅନୈତିକ ସମ୍ପର୍କ ରଖୁଛି ବୋଲି ସେ ସନ୍ଦେହ କରି ଆସୁଥିଲା।ଏ ନେଇ ସନା ସହିତ ତା'ର ଝଗଡ଼ା ହେଉଥିଲା କେତେ ଦିନ ଧରି। ଗତକାଲି ସନା ସହ ଝିଅର ଅସଜ୍ଞାତ ଅବସ୍ଥାର ଦୃଶ୍ୟ ସାମ୍ନାସାମ୍ନି ଦେଖି ଦେଇଥିଲା ସେ। ସେଇ କ୍ରୋଧର ପରିଣାମ ସ୍ୱରୂପ ଏଇ ବିଭତ୍ସ ହତ୍ୟାକାଣ୍ଡ ସଂଘଟିତ ହୋଇଯାଇଛି...!

ଗୋଟିଏ ସ୍ଖଳିତ ଚରିତ୍ରର ଚିତ୍ର ଏବେ ସାମ୍ନାରେ..!!!

*କୁଞ୍ଜବିହାରୀ ଲେନ, କଟକ*

# ପ୍ରଣାମ ଓ ଆଶୀର୍ବାଦ


ପୂର୍ଣ୍ଣଚନ୍ଦ୍ର ବହଳୀ

ଯେତେବେଳେ ଆମେ କାହାକୁ ପ୍ରଣାମ କରନ୍ତି ବା ଆମକୁ କେହି ପ୍ରଣାମ ବା ନମସ୍କାର କରନ୍ତି ମୁହଁରୁ ସ୍ୱତଃ ବାହାରି ପଡେ ସବୁବେଳେ ଖୁସିରେ /ରୁହ ସୁଖରେ ରୁହ/ ଦୀର୍ଘାୟୁ ହୁଅ /ତୁମର ମଙ୍ଗଳ ହେଉ.... । କିନ୍ତୁ ଆଜିକାଲି ପ୍ରଣାମ କରିବା କାହାକୁ କଷ୍ଟ ମନେହୁଏ, ଏହାର ଆବଶ୍ୟକତା ନଥିବା ଅନେକ ଭାବନ୍ତି ବା କେହି କେହି ବି ପାପ କରୁଥିବା କାର୍ଯ୍ୟ ଭଳି ଲାଜ କରନ୍ତି ବା ଔପଚାରିକ ଦୃଷ୍ଟିରୁ ପ୍ରଣାମ କରିବାକୁ ହେବ ଭାବି ଟିକେ ନଇଁ ପଡନ୍ତି । କିନ୍ତୁ ପ୍ରଣାମ ଦ୍ୱାରା ଯେଉଁ ଆଶୀର୍ବାଦ ମିଳେ ତାହା ସାଧାରଣ କଥା ନୁହେଁ । ଆଶୀର୍ବାଦ ପ୍ରାପ୍ତ କରିବା ସମସ୍ତଙ୍କ ଭାଗ୍ୟରେ ନ ଥାଏ । ସମୟ ସମୟରେ ଯେଉଁ ଆଶୀର୍ବାଦ ମିଳେ ତାହା ଅମୂଲ୍ୟ କ୍ଷଏ ସମ୍ପର୍କରେ ଏକ ସୁନ୍ଦର ବାର୍ତ୍ତାଟିଏ..

ମହାଭାରତରେ ପିତାମହ ଭୀଷ୍ମ ଥରେ ଦୁର୍ଯ୍ୟୋଧନଙ୍କ ବ୍ୟଙ୍ଗ ବାଣରେ ବ୍ୟଥିତ ହୋଇ ପଞ୍ଚୁ ପାଣ୍ଡବଙ୍କୁ ବଧ କରିବା ପାଇଁ ସ୍ଥିର କଲେ । ଭୀଷ୍ମ ଯାହା ସ୍ଥିର କରନ୍ତି ତାହା ନିଶ୍ଚିତ କରିବେ । ଶ୍ରୀକୃଷ୍ଣ ଏହା ଜାଣିପାରି ଦ୍ରୌପଦୀଙ୍କ ନିକଟରେ ପହଁଚିଲେ । ଦ୍ରୌପଦୀଙ୍କୁ ଧରି ପିତାମହ ଭୀଷ୍ମଙ୍କ ଶିବିରରେ ପହଁଚିଲେ। କିନ୍ତୁ ସେ ଭିତରକୁ ନ ଯାଇ ଦ୍ରୌପଦୀଙ୍କୁ କହିଲେ ତୁମେ ଯାଇ ଭୀଷ୍ମ ଙ୍କୁ ପ୍ରଣାମ କରି ଆଶୀର୍ବାଦ ନିଅ । ଦ୍ରୌପଦୀ ଭିତରକୁ ଯାଇ ଭୀଷ୍ମଙ୍କୁ ପ୍ରଣାମ କରନ୍ତେ ତାଙ୍କ ମୁଖରୁ ବାହାରି ଆସିଲା ଅଖଣ୍ଡ ସୌଭାଗ୍ୟବତୀ ଭବଃ । ହଠାତ ତାଙ୍କର ମନେ ପଡିଲା କାଲି ପାଣ୍ଡବମାନଙ୍କୁ ବଧ କରିବା ପାଇଁ ସ୍ଥିର କରିଥିଲେ । ଏଣେ ଦ୍ରୌପଦୀଙ୍କୁ ସୌଭାଗ୍ୟବତି ଭବଃ ପାଇଁ ଆଶୀର୍ବାଦ ଦେଇସାରିଲେଣି । ପିତାମହ ଭୀଷ୍ମ କହିଲେ ପୁତ୍ରୀ ତୁମକୁ ମୋ ପାଖକୁ ଏତେ ରାତିରେ ଶ୍ରୀକୃଷ୍ଣଙ୍କ ଛଡା ଅନ୍ୟ କେହି ପଠାଇ ନଥିବେ । ଦ୍ରୌପଦୀ କହିଲେ ହଁ ସେ ଶିବିର ବାହାରେ ଅଛନ୍ତି ।ଏହି ସମୟରେ ହସି ହସି ଶ୍ରୀକୃଷ୍ଣ ଭିତରକୁ ପଶିଆସିଲେ । ପରସ୍ପରକୁ ପ୍ରଣାମ କଲାପରେ ଭୀଷ୍ମ କହିଲେ ମୁଁ ଜାଣିଛି ମୋର ଗୋଟିଏ ବଚନକୁ ଆଉ ଗୋଟିଏ ବଚନରେ କାଟିବା କାର୍ଯ୍ୟ ତୁମ ଛଡା ଆଉ କେହି କରିପାରିବେନି ।

ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଧରି ଶିବିରରୁ ପ୍ରତ୍ୟାଗମନ କଲେ ଓ ଯାଉ ଯାଉ ବାଟରେ କହିଲେ ଆଜି ପିତାମହ ଭୀଷ୍ମଙ୍କ ଆଶୀର୍ବାଦରେ ତୁମ ପାଞ୍ଚ ପତିଙ୍କ ଜୀବନ ରକ୍ଷା ହୋଇଗଲା । ଯଦି ତୁମେ ପ୍ରତିଦିନ ଭୀଷ୍ମ, ଧୃତରାଷ୍ଟ୍ର, ଦ୍ରୋଣାଚାର୍ଯ୍ୟ ଙ୍କୁ ପ୍ରଣାମ କରୁଥାନ୍ତ ଓ ଦୁର୍ଯ୍ୟୋଧନ, ଦୁଃଶାସନ ଆଦି ପାଣ୍ଡବମାନଙ୍କୁ ପ୍ରଣାମ କରୁଥାଆନ୍ତେ ହୁଏତ ଏହି ଯୁଦ୍ଧର ଆବଶ୍ୟକତା ହୋଇନଥାଆନ୍ତା ।

ଭଲ ସଂସ୍କାରରୁ ସୁଖୀ ପରିବାର, ସୁଖୀ ପରିବାରରୁ ସୁନ୍ଦର ସମାଜଟିଏ ନିର୍ମାଣ ହୋଇପାରିବ । କିନ୍ତୁ ଆଜିକାଲି କ୍ରମଶଃ ବଡ଼ମାନଙ୍କ ପ୍ରତି ଆଦର କମି କମି ଯାଉଛି । ପଇସା ଦେଲେ ସବୁ ଜିନିଷ କିଣାଯାଇପାରେ କିନ୍ତୁ ସଂସ୍କାର ମିଳିବ ନାହିଁ କି ଗୁଗୁଲରୁ ମିଳିବ ନାହିଁ । ଏହା କେବଳ ସେମାନଙ୍କ ଆଶୀର୍ବାଦ, ଶିକ୍ଷା ଓ ସଂସ୍କାରରୁ ମିଳିବ । ଘରର ବୟସ୍କ ମାନଙ୍କ ସହ କିଛି ସମୟ ବିତାଇଲେ ସେମାନଙ୍କ ହୃଦୟରୁ ନିର୍ଗତ ଆଶୀର୍ବାଦ ଓ ସ୍ନେହରେ ଯେଉଁ ଆତ୍ମସନ୍ତୋଷ ପ୍ରଦାନ କରିବ ତାହା ଅମୂଲ୍ୟ ଯାହା ଖୋଜିଲେ ବି ମିଳିବ ନାହିଁ ।

*ସମ୍ପାଦକ 'ଶିବାନୀ '*
*ଭଦ୍ରକ*

## ପଦପାତେ ଋତୁରାଜ

*ଆଦ୍ୟାଶା ମହାପାତ୍ର*



ପିକ ଗାଉଅଛି ସ୍ୱାଗତ ସଙ୍ଗୀତ
ପଦପାତେ ଋତୁରାଜ
ପୂଜା ମହୋତ୍ସବ ଧରି ସେ ଆସୁଛି
ଧରା ହୁଏ ସଜାବାଜ ॥

ଗନ୍ଧରାଜ ମଲ୍ଲୀ ହେନା ଜୁଇ ଆଦି
ସତେକି ଉଠନ୍ତି ଝଳି
ପୁଷ୍ପ ବାଟିକାରେ ଗୁଣୁଗୁଣୁ ଗୀତ
ଗାଉଛି ଉଲ୍ଲାସେ ଅଳି ॥

ପାଦପେ ପାଦପେ ନବପଲ୍ଲବରେ
ସବୁଜିମା ହୁଏ ଦୃଶ୍ୟ
ପ୍ରକୃତି ରାଣୀର ଓଠରେ ଉକୁଟେ
ମନଜିଣା ମଧୁ ହସ ॥

ଆସେ ଋତୁରାଜ ଏଧରା ପୃଷ୍ଠକୁ
ପ୍ରୀତି ଫଲ୍ଗୁ ସାଥେ ନେଇ
ଶାଶ୍ୱତ ସୁନ୍ଦର ପ୍ରେମର ରଙ୍ଗରେ
ସଭିଙ୍କୁ ଦେବ ଭିଜାଇ ॥

ବନେ ଉପବନେ ଫୁଲର ସମ୍ଭାର
ପକ୍ଷୀ କଣ୍ଠେ ନବରାଗ
ପେନ୍ଥା ପେନ୍ଥା ଆମ୍ବ ବଉଳର ବାସ
ମହକିତ ଚଉଦିଗ ॥

କୁହୁ କୁହୁ ଗାଏ କୋଇଲି ମଧୁର
ପଞ୍ଚମ ସ୍ୱରରେ ଗାନ
ପଳାଶ ଶିମିଳି ରକ୍ତିମ ଆଭାରେ
ବିଭୋରିତ ହୁଏ ମନ ॥

ମୃଦୁ ମଳୟଟି ଧିରେ ଧିରେ ବହେ
ପ୍ରଣୟ ସୁବାସ ନେଇ
ମଧୁମୟ କାଳେ ପ୍ରିୟା ମାଧୁରିମା
ବହେ ମଧୁସ୍ରାବୀ ହୋଇ ॥

*ନୂଆପଡା, କଟକ*

## ଛନ୍ଦାୟିତ ଜୀବନ

*ସୁଧାକର ରାଉତ*



ମଣିଷର ଚେହେରାରେ
ଜୀବନଟା ହୋଇଯାଏ ଛନ୍ଦି
ଏତେ ବୁଢ଼ିଆଣୀ ଜାଲରେ
ପ୍ରକୃତ ଅପ୍ରକୃତ ଭିତରେ ଫରକ
ଜାଣୁ ଜାଣୁ ନିଜେ ହୁଏ ଧନ୍ଦି ।
ମନର ନିଶୀଥିନୀ ହୋଇଯାଏ ସ୍ତବ୍ଧ
ବିବେକର ସୁପ୍ତ ଛାତତଳେ
ଭାଗ୍ୟର ଛାନ୍ଦୁଆରେ ଖାଲି
ଅନାକାଙ୍କ୍ଷିତ ରନ୍ଧ୍ର ।
ମନୁଷ୍ୟତ୍ୱର ସତ୍ତା ହୁଏ ଭାରାକ୍ରାନ୍ତ
କ୍ଷୟିଷ୍ଣୁ ଶରୀରରେ ସଭିଏଁ
ତା ନିଜର ଏକାନ୍ତ
କ୍ଷଣିକ ପାଇଁ ଲାଗେ ଅକ୍ଷୟ ପରଶ
କାମନା ବିମୋହିତ ସମ୍ପର୍କରେ
ଦୁଃଖାଭିଭୂତ ଯାତନା ହିଁ ଅବଶେଷ ।
ତଥାପି ଜୀବନ ଚାହେଁ
ନିମୀଳିତ ଆଖିଫେରି
ପ୍ରକୃତିର ଅନନ୍ତ ଗଗନେ
ନାହିଁ ସେଠି ମୃତ୍ୟୁର କ୍ରୂର ଚେତାବନୀ
ହିଂସା,କ୍ରୋଧ,ମୋହ,ମାୟା
ହରାନ୍ତି ନିଜ ନିଜ ସତ୍ତା କୁ ମଉନେ ।
ବିଚିତ୍ରତା ମଧ୍ୟେ ଶୁଭେ କା'ର
ଧୀର ପଦଧ୍ୱନି ।

*ପ୍ରତାପ ନଗରୀ, କଟକ*
*ମୋ – ୮୨୪୯୯୩୨୭୯୨*

## ଶାଶ୍ୱତ ପ୍ରେମ

*ରତ୍ନକାନ୍ତି ମିଶ୍ର*



ଗଡିଯିବ ଯେବେ ବୟସ ତୁମର
ଚେହେରା ବଦଳି ଯିବ
ଅତୀତରେ କେହି ଥିଲା ଆପଣାର
ମନକୁ ଛାଇଁ ଆସିବା

ରୂପ ଯଉବନ ହେଉ ବା ଲାବଣ୍ୟ
କିଛି ନୁହେଁ ଚିରସ୍ଥାୟୀ
ବୟସରେ ଯେଉଁ ଥାଏ ଆକର୍ଷଣ
ଯାଏ ବିଗଳିତ ହୋଇ ॥

ଏମିତି ସମୟ ଆସିବ ଜୀବନେ
ଲାଗୁଥିବ ଅସହାୟ
କାଟିବାକୁ ନିଜ ସମୟ ସାରଣୀ
ଲାଗୁଥିବ ତୁଚ୍ଛା ଭୟ ॥

ସେତିକିବେଳକୁ ମନେ ପଡିଯିବ
କେହି ଜଣେ କହୁଥିଲା
ଆଉ ଟିକେ ରୁହ କଥା ସରି ନାହିଁ
ଦିଅ ନାହିଁ ମନେ ବ୍ୟଥା ॥

କୋଳାହଳ ପୂର୍ଣ୍ଣ ପରିବେଶେ ମଧ
ପଛ କଥା ଭାବୁଥିବ
ସବୁଠୁ ଆପଣା ଥିଲା ଏକା ସେହି
ହୃଦେ ଭରା ଅନୁରାଗ ॥

ମିଛ ମାୟା ଭରା ଅନିତ୍ୟ ସଂସାର
ଅଜବ ତା ରୀତି ନୀତି
ସୂକ୍ଷ୍ମ ଚେତନାରେ ଅନୁଭବ ସିନା
ଶାଶ୍ୱତ ପ୍ରେମର ଦୀପ୍ତି ॥

*ଆଳି, କେନ୍ଦ୍ରାପଡା*

## ଜୀବନଟା ନୁହଁଇ ଗୋଲାପର ଶଯ୍ୟା

*କବିରତ୍ନ ନୂତନ କୁମାର ବେହେରା*



ଜୀବନଟା ନୁହଁଇ ଗୋଲାପର ଶଯ୍ୟା
ସୁଖର ନିଦ୍ରାରେ ଶୋଇ ବଞ୍ଚିବା ହେବ ସହଜ,
ଏଠି ତ ପ୍ରତି ପାଦେ ଲାଗେ କଣ୍ଟାର ଆଘାତ
ସରଳ ନିଷ୍ପାପ ମନରୁ ଉପସମ ହୁଏନା ଦରଜ
ଦୃଢ଼ ରହେ ନାହିଁ ଆଉ ସାହସ କି ଧୈର୍ଯ୍ୟ।
ଜୀବନକୁ କରିବା ପାଇଁ ସରସ ସୁନ୍ଦର
ନିଜକୁ ଠିକ୍ କରି ଗଢ଼ିବା ଦରକାର ଆଗ,
ବ୍ରହ୍ମଚର୍ଯ୍ୟ ପାଳି ରହିଲେ ସାଧନ ରତ
କଠିନ ପରିଶ୍ରମ ଅଧ୍ୟବସାୟର ବଳରେ
ଆସେ ଜ୍ଞାନ ପ୍ରତି ଅପୂର୍ବ ଅନୁରାଗ।
ଦାୟିତ୍ୱ କର୍ତ୍ତବ୍ୟରେ ଥିଲେ ଆନ୍ତରିକତା
ଗଢ଼ିହୁଏ ବଳିଷ୍ଠ ବ୍ୟକ୍ତିତ୍ୱର ଉତ୍ତମ ଚରିତ୍ର,
ଶୃଙ୍ଖଳିତ ହୋଇ ରହିଲେ ସମୟାନୁବର୍ତ୍ତୀ
ସତ୍ୟ ଅହିଂସାରେ ମନ ହୁଏ ଆକର୍ଷିତ
ସରଳ କୋମଳ ଶାନ୍ତ ହୃଦୟଟି ରହେ ପବିତ୍ର।
ଏ ଏକ ସାଧନାର ସୁଦୀର୍ଘ ପଥ
ପ୍ରତି ମୁହୂର୍ତ୍ତରେ ଆସୁଥାଏ ପ୍ରତିବନ୍ଧକ,
ନିଜ ଲକ୍ଷ୍ୟକୁ ଭାବି ଏକ ସଂଘର୍ଷ
ଲଢ଼ିବାକୁ ହୁଏ ନିଜକୁ ଜୀବନ ଯାକ।
ପ୍ରଥମେ ପ୍ରଥମେ ଲାଗେ ଏ ସବୁ ଭାରି କଷ୍ଟ
ଅନୁମେୟ ହୁଏ ସେ ବିଷତୁଲ୍ୟ,
ପରିଣାମରେ ତାହା ହୁଏ ସବୁ ଅମୃତମୟ
ସଫଳତା ତାକୁ ପିନ୍ଧାଏ ବିଜୟର ନିର୍ମାଲ୍ୟ।
ଗଢ଼ି ଜାଣିଲେ ଜୀବନ ହୁଏ ଧନ୍ୟ
ପାଏ ଜଣେ ମାନବ ଜନ୍ମର ସାର୍ଥକତା,
ଦୁଃଖ ସହି ସହି ଚାଲିଥିଲେ ସତ୍ କର୍ମ କରି
ବୁଝି ପାରେ ସିଏ ଦୁନିଆଁର ବାସ୍ତବତା।
ସାରା ସଂସାର ତା' ପାଇଁ ହୁଏ ଆନନ୍ଦମୟ
ଅନୁଭବ କରିପାରେ ସେ ଅନ୍ୟର ହୃଦୟ,
ସତ୍ୟ ଶିବ ସୁନ୍ଦରଙ୍କୁ ରଖି ତାର ଧ୍ୟାନେ
ଜୀବନ କାଟେ ସେ ନିଶ୍ଚିନ୍ତେ ହୋଇ ନିର୍ଭୟ।

*କୋହି, ବାରିପଦା, ମୟୂରଭଞ୍ଜ,*
*ଦୂରଭାଷା–୮୦୧୮୩୫୩୩୨୨*

## ଅଗିଜଳା ପର୍ବ

**ରାମଚନ୍ଦ୍ର ବେହେରା**



ମାଘ ପୁନେଇଁରେ ଅଗିଜଳା ପର୍ବ
ପାଳିବେ ରାଇଜେ ସର୍ବ
କୃଷିଭିତ୍ତିକ ଏ ମହାନ ପରବ
ଆମ ଉତ୍କଳର ଗର୍ବ।
ସଂଜ ନଇଁଗଲେ ପ୍ରତି ଗାଆଁ ମୁଣ୍ଡେ
ଗ୍ରାମବାସୀ ହେବେ ମେଳ
ଛଣ କୁଟା କାଠି ଫଳ ମୂଳ ଆଦି
ସରାଗେ କରିବେ ଠୁଳ।
ଗିନି ମୁରୁଦଂଗ ଘଣ୍ଟ ଶବଦରେ
ଅଗ୍ନିପୂଜା ନୀତି ହେବ
ଶଂଖ ହୁଳହୁଳି ହରିବୋଲ ଧ୍ୱନି
ଭକ୍ତିର ପୁଲକ ଦେବ।
ବ୍ରାହ୍ମଣ ପୂଜିବେ ଅଗ୍ନି ଦେବତାଂକୁ
ହେବ ପୁଣି ଭୋଗଲାଗି
ତା'ପରେ ଜଳିବ ଗାଆଁ ମୁଣ୍ଡେ ଅଗି
ଉକତି ଉଠିବ ଜାଗି।
ଅଗି ଚଉପାଶେ ସଭିଏଁ ବୁଲିବେ
ଅଗ୍ନିଂକୁ ହୃଦେ ସୁମରି
ଫଳ ମୂଳ ପୋଡି ଶ୍ରଦ୍ଧାରେ ଖାଇବେ
ନହେବ ଚର୍ମ ବିମାରି।
ଜନମାନସରେ ଅଛି ଏ ବିଶ୍ୱାସ
ଯେଉଁ ଦିଗେ ଅଗି ଢଳେ
ସେଦିଗ କ୍ଷେତରେ ଚଷାପୁଅ ହିତେ
ସୁନାର ଫସଲ ଫଳେ।
ଅଗି ପାଉଁସକୁ ନିଜ ନିଜ କ୍ଷେତେ
ପକାନ୍ତି ଶ୍ରଦ୍ଧାରେ ଜନେ
ପରମ୍ପରା କୁହେ ଅଧିକ ଅମଳ
ମିଳଇ ପ୍ରଭୁଂକ ଦାନେ।
ଗାଆଁ ଚାଳଘର ଛପର ହୁଅଇ
ଅଗିରା ପୁନେଇଁ ଅନ୍ତେ
ଅଗ୍ନିଂକ କୃପାରୁ ବର୍ଷସାରା ରୁହେ
ବାସଗୃହ ନିରାପଦେ।
ଅଗିଜଳା ପର୍ବ ଆମରି ଗୌରବ
ଆସ ମନାଇବା ମିଳି
ଆମ ଗାଆଁ କ୍ଷେତ ଶସ୍ୟେ ଭରିଯାଉ
ପ୍ରଭୁଂକୁ କରିବା ଅଳି।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ–୭୩୫୫୬୩୪୩୪୬*

# ନଈରେ ଭାସୁଛି ଦୁଃଖ


ଦୁଷ୍ମନ୍ତ ବେହେରା

ନଈ ର ଆର ପାଖ ରେ ଛୋଟ ଗାଁ ଟିଏ। ସେ ଗାଁ ରେ ବାସ କରନ୍ତି ମଧୁଆ ଧୀବର। ପେଷାରେ ନଦୀ ଘାଟରେ ଡଙ୍ଗା ବାହି ଲୋକଙ୍କୁ ପାର କରିବା । ମଦୁଆ ର ପରିବାର କହିଲେ ସ୍ତ୍ରୀ ଆଉ ଗୋଟିଏ ବୋଲି ଝିଅ ମୀନୁ । ମାତ୍ର ବୟସ ତାର ବାର ବର୍ଷ। କିନ୍ତୁ ସ୍ତ୍ରୀ କେବେ ଠାରୁ ଆର ପାରି କୁ ଚାଲିଯାଇଛନ୍ତି ।

ମଧୁଆ ପରିବାର ବଡ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟନ୍ତି । ଚାଳ ଛପର ଘର ଚାରିକାନ୍ଥ ମାଟି ଏଇ ଯେମିତି ଦୁଃଖ ଗୁଡିକ କହିଦଉଥିଲା ଦୁଃଖ ରେ ଭୋକ ତ ଏମିତି ହିଁ ଆସେ ।

ଦୁଃଖ ତ ଏମିତି ସୁଅ
ଭସେଇ ନିଏ ମନକୁ ମୋର
ବେଦନା ସହିବା ଜାର ଅଭ୍ୟାସ
ଦୁଃଖ କେମିତି ନ ସହିବ .....

ମଧୁଆ ପ୍ରତିଦିନ ନଈ କୂଳରେ ଡଙ୍ଗା ଧରି ଅପେକ୍ଷା କରିଥାଏ । କେତେବେଳେ ଆସିବେ ଲୋକେ ନଈ ପାର ହେବା ପାଇଁ । କିଛି ପଇସା ମିଳିଗଲେ ଘର କୁ ନେବ ଓ ମୀନୁ ତା ବାଟକୁ ଅପେକ୍ଷା କରିଥିବ। ଝିଅ ଟି ମୋର ସକାଳ ପ୍ରହରୁ କିଛି ଖାଇ ନଥିବ । ଆସି ଦୁଇଟା ସମୟ ହେଲାଣି । ଘରେବି ସେମିତି କିଛି ଖାଇବା ପାଇଁ ନାହିଁ । ହେ ଭଗବାନ୍ ଏ କି ଦୁଃଖ ର ପରୀକ୍ଷା ନଉଛ

ଗରିବ ଆଶା ଆଶାରେ ମରେ
ଜୀବନ ଲାଳଶା ଲାଳଶାରେସରେ
ମନ କହୁଛି ଅପେକ୍ଷା କର ତୁମେ
ମିଳି ଯିବ ଏଇ ଆସୁଛି ସତେ......

ଗୋଟିଏ ଲୋକ ଏ ପର୍ଯ୍ୟନ୍ତ ନଈ ପାର ହୋଇନାହାନ୍ତି। କ'ଣ କରିବି। ମୀନୁ କେମିତି ଥିବ ।

ଘରେ ମୀନୁ ଭୋକ ସହି ନପାରି ଭାତ ହାଣ୍ଡି ଚାମୁଡି ଦେଖିଲା କିଛି ଭାତ ନାହିଁ। ମୀନୁ କହିଲା ଏ ଦୁଃଖ ଭରା ଘରଟି କେମିତି ଭୋକ ରେ ମାରୁଛି । ଏ ଦୋଷ ଘରର ନୁହଁ ଏ ଦୋଷ ମୋ ଭାଗ୍ୟର। ମୀନୁ ଭୋକ ସହି ନପାରି ନଈ ଘାଟ ରେ ବାପାଙ୍କ ପାଖରେ ପହଞ୍ଚିଲା। ମଧୁଆ ମୀନୁ କୁ ଦେଖି ଲୋହ ଭରା ଆଖି ଦୁଇଟି ଛଳ ଛଳ ହୋଇ କହିଲା 'ମା' ମୀନୁ ଆଜି କିଛି ରୋଜଗାର ହେଇ ନାହିଁ । ମୀନୁ ବାପାଙ୍କ ଆଖି ରୁ ଲୋହ ପୋଛି ଦେଇ କହିଲା ବାପା ଦୋଷ ଆମର ନୁହଁ ଏ ଦୋଷ ନଈର ।

ମୀନୁ ନଈ କୂଳେ ବସି ହାତ ରେ ପାଣି କୁ ହଲାଇ 'ଭାସି ଯା ମୋ ଦୁଃଖ' 'ଭାସି ଯା ମୋ ଭୋକ' 'ଭାସି ଯା ମୋ ଗରିବ' ' ଭାସି ଯା ମୋ ଭୋକ ସହି ଯାଉଥିବା ବେଦନା' ଭାସି ଯା ମୋ ଜୀବନ ଦୁଃଖ ' ନଈରେ... ଭାତ ଖା , ଡାଲି ଖା , ଖିରି ଖା , ଖାରେ... ନଈ ତୁ.... ସବୁ ଖା

ଭସେଇ ନେ ରେ ଯେତେ ସୁଖ
ଲେଖି ଦେଇଛୁ ମୋ କରମେ ଦୁଃଖ

ମୀନୁ ନଈ କୂଳରେ କହୁ କହୁ ଗୋଟିଏ ଲୋକ ଆସି ପହଞ୍ଚିଲା ନଈ ପାର ହେବାକୁ ମୀନୁକୁ ତା ବାପା ଡାକିଲେ ଜଣେ ଲୋକ ଆସିଛନ୍ତି। ନଈ ପାର ହେବା ପାଇଁ ।

ହଉରେ ନଈ ଏତେ ବେଳେ ମୋ ଦୁଃଖ ଶୁଣିଲୁ
ଦୁଃଖ ଶୁଣିଲୁ ମନ ଶୁଣିଲୁ
ଶୁଣିଲୁ ମୋ ଭାଷାକୁ
ବୁଝିବା ଆଗରୁ ଡେରି ହୋଇଯାଏ
ମୋ ପରିସ୍ଥିତି ବେଳକୁ ....

ନଈ ଆର କୂଳରେ ପହଞ୍ଚିଲା ଡଙ୍ଗା। ଲୋକ ଜଣ କ ଦଶ ଟଙ୍କା ଦେଇ ଚାଲିଗଲା ।

ମୀନୁ ଦେଖି ପୁଣି ନଈ କୂଳ ପାଖକୁ ଧାଇଁ ଯାଇ ହାତ ରେ ପାଣିକୁ ହଲାଇ କହିଲା

ଦେଲୁ ଏତିକି ଟିକିଏ ସୁଖ
ବଞ୍ଚିଲା ବେଳକୁ ଲାଗୁଛି ଦୁଃଖ...

ହଉରେ ନଈ ! 'ଭସେଇ ନେ ମୋ ସୁଖ ' 'ଭସେଇ ନେ ମୋ ହସ ' ' ଭସେଇ ନେ ମୋ ମନ' ' ଜୀବନ ଟିକକ ଦେଲୁ ଯାହା କରମେ ସୁଖ ଭସେଇ ନେ ମୋ କରମେ ଦୁଃଖ '। ପାଠ ମୁଁ କେମିତି ପଢିବି କହ ତାକୁ ଭସେଇ ନେ ମୋ ଶିକ୍ଷିତ ଗୁଣ । ଏ କଥା କହୁ କହୁ ନଈ ଆର ପାଖରେ ପୁଣି ଜଣେ ଲୋକ ଡାକିଲା ଡଙ୍ଗା ଆଣ । ହଉ 'ମା' ମୁଁ ଡଙ୍ଗା ଆର ପାଖକୁ ନଉଛି । ମୁଁ ଆସିଲେ ଘରକୁ ଯିବା । ଏ କୂଳ ରୁ ଆର କୂଳକୁ ଲୋକଟି ପହଞ୍ଚିଲା। ଲୋକ ଜଣକ ଦଶ ଟଙ୍କା ଦେଲା । ମୀନୁ ଏହା ଦେଖି କହିଲା ହଉରେ ନଈ ତୁ ମୋ ଦୁଃଖ ବୁଝିଲୁ ହେଲେ ମୋ ଜୀବନ ସୁଖ ବୁଝି ପାରିଲୁ ନାହିଁ

ଦେଖିଲି ତଟେରେ ଯାଉଛୁ ବହି
ଭସେଇ ନେଉଛୁ ଦୁଃଖ
ତୋର ଯୌବନ ଫୁଟୁଛି ଏଠି
ମୋ ଯୌବନ ଯାଉଛି ସେଠି ...

ମଧୁଆ ଡାକିଲା 'ମା' ମୀନୁ ଆଜି ଆମର କୋଡିଏ ଟଙ୍କା ହୋଇଛି । ଆଜିର ଦିନଟି ଭୋକ କଷ୍ଟେ ମଷ୍ଟେ ମେଣ୍ଟି ଯିବା ।

ଆରେ 'ମା'
ଦୁନିଆ ରେ ସମୟର
ନଈ ବୋହିଯାଏ
ଏ କୂଳ ଭାଙ୍ଗି କେବେ
ଆର କୂଳ ଗଢି ଦିଏ
ପୁଣି ଦୁଇ କୂଳ କେବେ ଖାଏ
ଦୁନିଆ ର ସମୟ ରେ
ନଈ ରେ ଦୁଃଖ ବୋହିଯାଏ
ଏ କୂଳେ ରଜନୀ ପାହେତ
ସେ କୂଳେ ଦିନର ସମୟ ଖେଳେ....

ମୀନୁ କହିଲା ହଉରେ ନଈ ଏ ତୋ ଆମର ନିତିଦିନିଆ ଦୁଃଖ ତୁ କି ବୁଝିବୁ ମନର ସୁଖ । ତୁ ଏମିତି ଭାସି ଯାଉଥା ।

*ରାସୋଳ-ମୁଣ୍ଡିଆପଷି*
*ଢେଙ୍କାନାଳ*
*ପିନ୍-୭୫୯୦୨୧*
*ମୋ ନଂ-୬୩୭୨୨୨୬୭୨୨*




# ପାରାଦୀପ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ପବନଦୀପ ଓ ଅରୁଣିତାଙ୍କ ସଙ୍ଗୀତରେ ତାଳ ମିଳାଇ ଗୀତ ଗାଇ ନାଚିଲେ ଛାତ୍ରଛାତ୍ରୀ



ପାରାଦୀପ,(ପି.ଏନ): ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ମହାମହିମ ରାଜ୍ୟପାଳ ଙ୍କ ଦ୍ୱାରା ଗତ ଶୁକ୍ରବାର ଦିନ ଆଡମ୍ବର ସହକାରେ ଉଦଘାଟିତ ହୋଇଯାଇଛି କ୍ଷ ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଏହି ସମାରୋହରେ ମହାବିଦ୍ୟାଳୟ ଓ ଆଲୁମୁନି ଆସୋସିଏସନ ଦ୍ୱାରା ବିଭିନ୍ନ ସାଂସ୍କୃତିକ ଓ ସଙ୍ଗୀତ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଛି । ଉଦଘାଟନୀ ସନ୍ଧ୍ୟାରେ ବଲିଉଡ ତଥା ଇଣ୍ଡିଆନ ଅଇଡ଼ଲ ର ତାରକା କଣ୍ଠଶିଳ୍ପୀ ପବନଦୀପ ଓ ଅରୁଣିତାଙ୍କ ସୁମଧୁର ସଂଗୀତରେ ଉପସ୍ଥିତ ଛାତ୍ରଛାତ୍ରୀ ମାନେ ତାଳ ମିଳାଇ ଗୀତ ଗାଇବା ସହ ଉତ୍ସାହ ସହ ନୃତ୍ୟ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଭରପୁର ଛାତ୍ରଛାତ୍ରୀ, କଲେଜ ର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ପ୍ରାକ୍ତନ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ଗୁଡିକୁ ଭରପୁର ମନଭରି ଉପଭୋଗ କରିଥିଲେ । ଏତଦବ୍ୟତୀତ ଦିନସାରା ମହାବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସେହିପରି ଅନ୍ୟ ଦୁଇଦିନ ସାଂସ୍କୃତିକ ସଭା କାର୍ଯ୍ୟକ୍ରମ ସହିତ ସନ୍ଧ୍ୟା ରେ ଓଡ଼ିଶାର ଖ୍ୟାତନାମା କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ରହିଛି ।ଏହିସବୁ କାର୍ଯ୍ୟକ୍ରମ ଗୁଡିକୁ ପାରାଦୀପ ମହାବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଆଲୁମୁନି ଆସୋସିଏସନ ର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ସାଧାରଣ ସମ୍ପାଦକ ଗୌତମ ନାୟକ, ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ.ସସ୍ମିତା ଶତପଥୀ,ପ୍ରଧାପକ ଅକ୍ଷୟ ମିଶ୍ର ଓ ଗଣେଶ୍ୱର ପାତ୍ର ପ୍ରମୁଖ ସଫଳତାର ସହ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟ ର ସମସ୍ତ କର୍ମଚାରୀ ଓ ଆଲୁମିନି ଆସୋସିଏସନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଓ ସଦସ୍ୟା ସକ୍ରିୟ ସହଯୋଗ କରିଥିଲେ । ମହାବିଦ୍ୟାଳୟ ର ଏହି ଐତିହାସିକ ମହୋତ୍ସବରେ ର ପୂର୍ବତନ ଅବସରପ୍ରାପ୍ତ ଅଧ୍ୟକ୍ଷ ଶଙ୍କର ମହାପାତ୍ର ଓ ସୁରେନ୍ଦ୍ର ମୋହନ ମିଶ୍ରଙ୍କ ସମେତ ବହୁ ଅବସରପ୍ରାପ୍ତ ଅଧ୍ୟାପକ,ଅଧ୍ୟାପିକା, ପ୍ରାକ୍ତନ ଛାତ୍ରଛାତ୍ରୀ ମାନଙ୍କ ଉପସ୍ଥିତି ଏକ ଭାବାବେଗ ପରିବେଶ ସୃଷ୍ଟି କରିବା ସହ ଆୟୋଜକ ମାନଙ୍କୁ ବେଶ ଉତ୍ସାହିତ କରିଥିଲା । ତେବେ ସୁବର୍ଣ୍ଣ ଜୟନ୍ତୀ ସଫଳତା ପାଇଁ ସମସ୍ତ ଆୟୋଜକ ମାନଙ୍କ ନିଷ୍ଠାପର ଉଦ୍ୟମ କୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯିବା ସହ ଏହା ସମସ୍ତଙ୍କ ଜୀବନରେ ସ୍ମରଣୀୟ ହୋଇ ରହିବ ବୋଲି ଆଲୁମୁନି ଆସୋସିଏସନ ର ସଭାପତି ବସନ୍ତ ବିଶ୍ୱାଳ କହିଛନ୍ତି ।

# ସରକାରୀ ଉଚ୍ଚ ବିଦ୍ୟାଳୟ ଝାଡେଶ୍ୱରପୁରର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ



ମାହାଙ୍ଗା,(ପି.ଏନ): ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଂଚାୟତ ଅର୍ନ୍ତଗତ ଝାଡେଶ୍ୱରପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଝାଡେଶ୍ୱରପୁରର ବାର୍ଷିକ ପୁରସ୍କାର ବିତରଣ ସମାରୋହ ୨୦୨୫ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ମାହାଙ୍ଗାର ମାନ୍ୟବର ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ମାହାଙ୍ଗା ଅଂଚଳର ଶିକ୍ଷାର ବିକାଶ କ୍ଷେତ୍ରରେ ଝାଡେଶ୍ୱରପୁର ଉଚ୍ଚ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେବା ସହ ପିଏମ୍‌ସି ଯୋଜନାରେ ଏହି ବିଦ୍ୟାଳୟକୁ ଅର୍ନ୍ତଭୂକ୍ତ କରାଯାଇଥିବା ସୂଚନା ଦେଇଥିଲେ। ସରକାରୀ ବିଦ୍ୟାଳୟରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯାଉଥିଲା ବେଳେ ଶିକ୍ଷାର ମାନ କମୁଥିବାରୁ ସେ ନେଇ ସେ ଶିକ୍ଷକ,ଅଭିଭାବକ ମାନଙ୍କୁ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଖଣ୍ଡପଡାର ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ବିଶିଷ୍ଟ ଅତିଥି ଭାବେ ଅଭିନେତା ଅରିନ୍ଦମ୍ ରାୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଡଃ. ସନ୍ତୋଷ କୁମାର ରାଉତ ଯୋଗଦେଇ ପିଲାମାନଙ୍କୁ ଗୁଡିର ଉପାଖ୍ୟାନ ଶୁଣେଇବା ସହ ଭଲ ପାଠ ପଢ଼ିବାକୁ ଉପଦେଶ ଦେଇଥିଲେ। ସିଆର୍‌ସିସି ରମାକାନ୍ତ ଦାସ ମ ପରିଚାଳନା କରିଥିଲା ବେଳେ ଶିକ୍ଷୟିତ୍ରୀ ଲିସା ପ୍ରଧାନ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରସଂସଦର ଉପଦେଷ୍ଟା, ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ,ସଭାପତି ଚୌ. ରମାକାନ୍ତ ପ୍ରହରାଜ, ସଂପାଦକ ପବିତ୍ରମୋହନ ପ୍ରଧାନ, ପ୍ରଦ୍ୟୁମ୍ନ ବାରିକ, ବିବେକାନନ୍ଦ ଦାସ, ଚୌ. ଶଶିଭୂଷଣ ପ୍ରହରାଜ, ଚୌ. ତାରିଣୀ ପ୍ରହରାଜ, ସୁବଳ ଚରଣ ସାହୁ, ପ୍ରମୋଦ କୁମାର ସାହୁ, ଭରତ ଚନ୍ଦ୍ର ପ୍ରଧାନ, ଅକ୍ଷୟ କୁମାର ଷଡ଼ଙ୍ଗୀ, ଅଶୋକ କୁମାର ଦାସ,ପ୍ରସନ୍ନ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ସିଆର୍‌ସିସି ସେକ୍ ସନଓ୍ୱର ଅଲ୍ଲି, ପଦ୍ମାଳୟା ସିଂହ, ଗାୟତ୍ରୀ ରାଉତ, ଜୟନ୍ତୀ ସାହୁ, ବାସନ୍ତୀ ଶୋରେନ୍, ମମତା ଜେନା, ଶିକ୍ଷାକର୍ମଚାରୀ, ପ୍ରମୋଦ କୁମାର ପାତ୍ର, ବ୍ରଜକିଶୋର ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନଓ୍ୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନଓ୍ୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନଓ୍ୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତ୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଡ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଟଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଡ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜି ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/ ୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତ୍ତି ସମୟ ହିଁ କହିବ ।




2025-2026

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday February 09 | ଭୁବନେଶ୍ୱର ରବିବାର, ଫେବୃଆରୀ ୦୯,୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି




ଭୁବନେଶ୍ୱର,(ପି.ଏନ): ରାୟଗଡ ବ୍ଲକ ଅନ୍ତର୍ଗତ ପିତାମହଲ ଠାରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାୟଗଡ ଅତିରକ୍ତ ଏସପି ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ପାତ୍ର, ମୁଖ୍ୟ ବକ୍ତା ରୂପେ ଶ୍ରୀ କୌସିକି କିରଣ ମିଶ୍ର ଉପସଭାପତି (ପ୍ରକଳ୍ପ ଏବଂ ପ୍ରକ୍ରିୟା) ଆଦିତ୍ୟ ବିର୍ଲା ରିଫାଇନାରୀ ରାୟଗଡ, ସମ୍ମାନିତ ଅତିଥି ଡକ୍ଟର ପ୍ରଦୀପ କୁମାର ସାରଙ୍ଗୀ ଆଞ୍ଚଳିକ ନିର୍ଦ୍ଦେଶକ, ଡବ୍ଲୁଟିଏମ୍, ବଲାଙ୍ଗୀର କ୍ଷ ସକାଳ ୧୧ ଟା ସମୟରେ ଅତିଥି ଙ୍କ ଦ୍ୱାରା ଦୀପପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ କ୍ଷ ସେଞ୍ଚୁରିଆନ ନୂତନ ପିଏଚ୍‌ଡି ପୁରସ୍କାରପ୍ରାପ୍ତଙ୍କୁ ସମ୍ମାନିତ କରାଯାଇଥିଲା କ୍ଷ ଡ଼କ୍ଟର ଲାଡି ଆଲିକ୍ କୁନାର, ଡ଼କ୍ଟର ଦୀପଙ୍କର ରଥ, ଡ଼କ୍ଟର ହାରଗୌରୀ ମିଶ୍ର, ଡ଼କ୍ଟର କାମିନୀ ସେଠି ଙ୍କୁ ମଧ୍ୟ ୫ ବର୍ଷରୁ ଅଧିକ ସମୟ ଧରି ଆମ ସହିତ କାମ କରିଥିବା ଅଧ୍ୟାପକମାନଙ୍କୁ ସମ୍ମାନିତ କରାଯାଇଥିଲା କ୍ଷ ଛାତ୍ରମାନଙ୍କୁ ବର୍ଷର ଶ୍ରେଷ୍ଠ ପଦର୍ଶକ , ବର୍ଷର ଶ୍ରେଷ୍ଠ ଛାତ୍ର, ସ୍କୁଲ ଏବଂ ଫାର୍ମାସି ସ୍କୁଲ ଏବଂ ନର୍ସିଂ ସ୍କୁଲର ଚାମ୍ପିଅନ୍ ଭଳି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଡ଼କ୍ଟର ଦୀପଙ୍କର ରାଥ ଙ୍କୁ ଫାର୍ମାସି ଡକ୍ଟରୁ ପ୍ରଥମ ବର୍ଷର ଅଧ୍ୟାପକ ଭାବରେ ଏବଂ ନର୍ସିଂ ସ୍କୁଲରୁ ସୁଶ୍ରୀ ପ୍ରଣତ ଡେନ୍‌ଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଆନୁଷ୍ଠାନିକ ବୈଠକ ପରେ ଛାତ୍ରଛାତ୍ରୀମାନେ ଜଗନ୍ନାଥ ଙ୍କ ଗୀତରେ ନୃତ୍ୟ କରି ଏବଂ ରାମାୟଣର କିଛି ଗୀତ ବିଷୟବସ୍ତୁ ଉପରେ ଶ୍ରୀ ରାମ ଏବଂ ଅନ୍ୟାନ୍ୟ ନୃତ୍ୟ ଦ୍ୱାରା ଆଧ୍ୟାତ୍ମିକତା ଆଡ଼କୁ ପଥ ପ୍ରଦର୍ଶନ କରି ସେମାନଙ୍କର ଭକ୍ତି ପ୍ରଦର୍ଶନ କରିଥିଲେ ଛାତ୍ର ଛାତ୍ରୀ ମାନେ । ଡ଼କ୍ଟର ହରଗୌରୀ ମିଶ୍ର ଙ୍କ ପ୍ରସ୍ତାବିତ ଧନ୍ୟବାଦ ଅଭିବାଦନ ସହ ବାର୍ଷିକ ଦିବସ ର ସଂଧ୍ୟା ସମାପ୍ତ ହୋଇଥିଲା।

## ସରସ୍ୱତୀ ଶିଶୁ ମନ୍ଦିରରେ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଭୁବନେଶ୍ୱର,(ପି.ଏନ): ନୀଳାଦ୍ରିବିହାର ସେକ୍ଟର-୩ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଚଳିତବର୍ଷର ମାଟ୍ରିକ ପରୀକ୍ଷାର୍ଥୀ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ମନସ୍ତ ୍ୱବିତ୍ ଶିବାନନ୍ଦ ଦାସ, ମୁଖ୍ୟ ବକ୍ତା ସାମ୍ବାଦିକ ସୁକାନ୍ତ ରାଉତ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଚି ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଜୀବନର ଲକ୍ଷକୁ ପୂରଣ କରିବା ନିମନ୍ତେ ଅଧିକରୁ ଅଧିକ ପରିଶ୍ରମ କରିବା ଆବଶ୍ୟକ ବୋଲି କହିଥିଲେ। ପ୍ରଥମ ସୋପାନ ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହେବା ପାଇଁ ଆଶୀର୍ବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀ ମାମଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରୀକ୍ଷାର୍ଥୀମାନେ ବିଦ୍ୟାଳୟର ଶିକ୍ଷା ପଦ୍ଧତି ଓ ଗୁରୁଜୀ ଗୁରୁମା ମାନଙ୍କର ସ୍ନେହ, ଶ୍ରଦ୍ଧା ଅଗକୁ ବଢିବାରେ ସହାୟକ ହେବ ବୋଲି କହିଥିଲେ। ଛାତ୍ରଛାତ୍ରୀମାନଙ୍କ ଏହି ବିଦାୟରେ ବିଦ୍ୟାଳୟରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା।




## ଫେବୃଆରୀ ୧୦ରୁ୧୪ ଧାମନଗର ଶୀତ ମହୋତ୍ସବ-୨୦୨୫ ଏବଂ ପଲ୍ଲୀଶ୍ରୀ ମେଳା ପାଇଁ ସାମ୍ବାଦିକ ସମ୍ମିଳନୀ





ଧାମନଗର,(ପି.ଏନ): ଧାମନଗରର ଗୌରବମୟ ଐତିହ୍ୟ, ପରମ୍ପରା,କଳା, ଶିକ୍ଷା,ଓଡ଼ିଆ ଭାଷା ସାହିତ୍ୟ,ସଂସ୍କୃତି ଓ ଜୀବନଧାରାକୁ ଉଜ୍ଜୀବିତ ଏବଂ ଲୋକାଭିମୁଖୀ ସହିତ ଧାମନଗର ମାଟିର ଅବଦାନକୁ ସ୍ମରଣ କରିବା ଲକ୍ଷ୍ୟ ନେଇ ଶୀତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ,ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡିଶା ସରକାର ଆନୁକୂଲ୍ୟରେ ମହୋତ୍ସବ ପଡିଆ ଜୟନଗର ଧାମନଗର ଠାରେ ଚଳିତ ବର୍ଷ ତଥା ଫେବୃଆରୀ ୧୦ ରୁ ୧୪ ତାରିଖ ପର୍ଯ୍ୟନ୍ତ ଶୀତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଶନିବାର ଅପରାହ୍ନରେ ଧାମନଗର ପଞ୍ଚାୟତ ସମିତି ସେଣ୍ଟ୍ରାଲ ସଭା ଗୃହ ପରିସରରେ ଶୀତ ମହୋତ୍ସବ ପରିଷଦ ଧାମନଗର ସହସମ୍ପାଦକ ଦୀପକ କୁମାର ଦାସ ପୂର୍ବତନ ତହସିଲଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ପାଦକ ତଥା ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଯୋଗ ଦେଇ ପ୍ରଥମ ସନ୍ଧ୍ୟାରେ ମୁରଲୀଧର ଜେନା ମଞ୍ଚ,ଦିତୀୟ ବିଷ୍ଣୁ ସେଠୀ ମଞ୍ଚ,ତୃତୀୟ ହୃଦାନନ୍ଦ ମଲ୍ଲିକ ମଞ୍ଚ,ଚତୁର୍ଥ ଜଗନ୍ନାଥ ରାଉତ ମଞ୍ଚ,ପଞ୍ଚମ ସନ୍ଧ୍ୟାରେ ସଦଭାବନା ମଞ୍ଚ ଭାବେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ସମ୍ପାଦକ ଶ୍ରୀ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି। ଏହା ସହିତ ପାଞ୍ଚ ଦିନ ଧରି ମହୋତ୍ସବ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ସ୍ଥାନୀୟ ସାମଗ୍ରୀ ଗୁଡିକର ଭରପୁର ସମ୍ଭାର 'ପଲ୍ଲୀଶ୍ରୀ ମେଳାରେ'ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଛି।ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ,ସାଂସଦ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ,ନଗର ପ୍ରତିନିଧି ସରୋଜ ମହାପାତ୍ର,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ ପ୍ରମୁଖ ମଞ୍ଚାସିନ ହୋଇ ପାଞ୍ଚ ଦିନ ବ୍ୟାପୀ ମହୋତ୍ସବ କିପରି ସଫଳ ଓ ଭବ୍ୟ ହେବ ସମସ୍ତଙ୍କ ସହଯୋଗ କାମନା କରିବା ସହ ଏହାର ପ୍ରସାର ପ୍ରଚାର ବ୍ୟାପକ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ଶେଷରେ ବିଡ଼ିଓ ବନବିହାରି ଦିନ୍ଦା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏପଟେ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ଉପଜିଲ୍ଲାପାଳ,ବିଡ଼ିଓ,ପୂର୍ବତନ ତହସିଲଦାର,ମନ୍ତ୍ରୀ ଓ ସାଂସଦ ପ୍ରତିନିଧି କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟ ତଦାରଖ କରିଥିବା ବେଳେ ବିଜେପି ନେତା ହରେକୃଷ୍ଣ ପାଢ଼ୀ,ଶରତ ଚନ୍ଦ୍ର ମହାନ୍ତି,ଅରବିନ୍ଦ ପତି,ରାମଚନ୍ଦ୍ର ମିଶ୍ର,ରଘୁନାଥ ଲେଙ୍କା,ପ୍ରମୋଦ ସୁତାର,ବିଜୟ କୁମାର ରାମ,ରଞ୍ଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିବିପନ୍ନ ପରିବାରକୁ ଜ୍ୟୋତି ମହିଳା ସମିତି ପକ୍ଷରୁ ସହାୟତା ପ୍ରଦାନ

ପାରାଦୀପ,(ପି.ଏନ): ପାରାଦୀପ ବଡପଡିଆ ମାର୍କେଟ୍ ପଛପଟ ବସ୍ତିରେ ଘଟି ଯାଇଥିବା ଅଗ୍ନିକାଣ୍ଡ ପିଡୀତଙ୍କୁ ସହାୟତାର ହାତ ବଢାଇଛନ୍ତି ବଡପଡିଆର ସର୍ବପୁରାତନ ମହିଳା ସମିତି ଜ୍ୟୋତି ମହିଳା ସମିତିର ସଦସ୍ୟାମାନେ । ଶୁକ୍ରବାର ଦିନ ଅପରାହ୍ନରେ ମହିଳା ସମିତିର ସଭାନେତ୍ରୀ ପୁଷ୍ପାଂଜଳୀ ମିଶ୍ର, ସମ୍ପାଦିକା ଲିପିକା ସାହୁ, ହରପ୍ରିୟା ସାହୁ, ଅନସୂୟା ସ୍ୱାଇଁ, ବନିତା ରାଉତ,ସୀତା ରଣା, ତୁଳସୀ ମିର୍ଦ୍ଧା, ମାନସୀ ସାହୁ ପ୍ରମୁଖ ସେଠାରେ ପହଂଚିଥିଲେ । ସ୍ଥାନୀୟ ପାରିଷଦ ସୌଦାମିନୀ ସାହୁ, ଯୁବ ସଙ୍ଗଠକ ଗୋଲେଖ ସାହୁଙ୍କ ଉପସ୍ଥିତିରେ ଅଗ୍ନି ବିପନ୍ନ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଶାଢୀ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିଥିଲେ । ମହିଳା ସମିତିର ଏହି ସାହାଯ୍ୟକୁ ପିଡୀତ ପରିବାର ଏବଂ ସ୍ଥାନୀୟ ଲୋକମାନେ ଉଚ୍ଚପ୍ରଶଂସା କରିଥିଲେ ।

## ଶିକ୍ଷା ମଣିଷକୁ ସଠିକ୍ ମାର୍ଗ ଦେଖାଇବା ସହିତ ବ୍ୟକ୍ତିତ୍ୱର ବିକାଶ କରିଥାଏ:ମହାମହିମ ରାଜ୍ୟପାଳ




ପାରାଦୀପ,(ପି.ଏନ):ଶିକ୍ଷା ମଣିଷକୁ ସଠିକ୍ ମାର୍ଗ ଦେଖାଇଥାଏ । ଜଣେ ବ୍ୟକ୍ତି ଶିକ୍ଷା ଲାଭ କରିବା ପରେ ତାର ବ୍ୟକ୍ତିତ୍ୱରେ ବିକାଶ ହୋଇଥାଏ ବୋଲି ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି ଓଡିଶାର ମହାମହିମ ରାଜ୍ୟପାଳ କେ. ହରିବାବୁ କମ୍ଭମପତି । ଶିକ୍ଷା ହେଉଛି ସେହି ମୂଳଦୁଆ ଯାହା ଉପରେ ଏକ ବିକଶିତ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ରର ନିର୍ମାଣ ହୋଇଥାଏ । ଯୁବସମାଜ ସଠିକ ଶିକ୍ଷା କୌଶଳ ଏବଂ ବୈଷୟିକ ଶିକ୍ଷା ସହିତ ସଜ୍ଜିତ ହେଲେ ବିକଶିତ ଓଡିଶା ଏବଂ ବିକଶିତ ଭାରତର ପରିକଳ୍ପନା ସାକାର ହେବ ବୋଲି ମହାମହିମ ରାଜ୍ୟପାଳ ବକ୍ତବ୍ୟରେ କହିଥିଲେ । ଶୁକ୍ରବାର ଦିନ ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ମହାବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିଲା । ଏହି ଉଦଘାଟନୀ ସମାରୋହରେ ନିମନ୍ତ୍ରୀତ ଅତିଥି ଭାବେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ସୁର୍ଯ୍ୟବଂଶୀ ସୂରଜ, ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୂପ୍ରସାଦ ତରାଇ, ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲାପାଳ ଜେ. ସୋନାଲ, ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଯୋଗ ଦେଇଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସସ୍ମିତା ଶତପଥୀ । ଏହି ଅବସରରେ ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ସୁର୍ଯ୍ୟବଂଶୀ ସୂରଜ ମହାବିଦ୍ୟାଳୟ ପରିସରରେ ନୂତନ ଗୃହ ନିର୍ମାଣର ଶିଳାନ୍ୟାସ କରିଥିଲେ । ଉଦଘାଟନୀ ସମାରୋହ ପରେ ଇଣ୍ଡିଆନ୍ ଆଇଡଲ୍‌ର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ପବନଦୀପ ଓ ଅରୁଣୀତା ଲାଇଭ୍ ବ୍ୟାଣ୍ଡ ପରିବେଷଣ କରିଥିଲେ । ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକଙ୍କ ସମେତ ପୁରାତନ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଶନିବାର ଦିନ ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ, ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୂପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ, ଡ. ରମାକା' ଭୋଇ, ଜିଲ୍ଲାପାଳ ଜେ. ସୋନାଲ, ପାରାଦୀପ ନଗରପାଳ ବସ' ବିଶ୍ୱାଳ, ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଯୋଗ ଦେବାକୁ ଥିବା ବେଳେ ଓଲିଉଡ୍ କଣ୍ଠଶିଳ୍ପୀ ସତ୍ୟଜିତ୍ ଏବଂ ସଂଜୁ ମହାଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିବେ ଓ ରବିବାର ଦିନ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ, ଶିକ୍ଷା ବିଭାଗର ଆଂଚଳିକ ନିର୍ଦ୍ଦେଶକ ରଂଜିତ କୁମାର ପ୍ରଧାନଙ୍କ ସମେତ ପାରାଦୀପର ବିଭିନ୍ନ ଶିକ୍ଷସଂସ୍ଥାର ମୁଖ୍ୟମାନେ ଯୋଗ ଦେବା ସହିତ ଓଲିଉଡ୍ କଣ୍ଠଶିଳ୍ପୀ ଦିପ୍ତିରେଖା ସଙ୍ଗୀତ ପରିବେଶଣ କରିବାର କାର୍ଯ୍ୟକ୍ରମ ରହିଛି ।

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray